## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ବଡ଼ସାହି, (ସମ୍ବିତ କୁମାର ରାଉତ): ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ପସିସାରି ଗ୍ରାମର ଗୌରନାଥ ସେଠୀ(୮୯)ଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଗୌରନାଥ ଶୁକ୍ରବାର ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକ ଓ ସମ୍ପର୍କୀୟ ଚାରିଆଡ଼େ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ଶନିବାର ସକାଳେ ପୋଖରୀରେ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ସରପଞ୍ଚ ଏବଂ ୱାର୍ଡସଭ୍ୟଙ୍କୁ ଖବର ଦେଇଥିଲେ। ଗ୍ରାମବାସୀଙ୍କଠାରୁ ଗୌରନାଥଙ୍କ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ବଡ଼ସାହି ଥାନା ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଥିଲା।

### ସଂକ୍ଷେପରେ

## ଆଇନଜୀବୀଙ୍କ ବାଡ଼ିରେ ୬୦ରୁ ଊର୍ଦ୍ଧ୍ୱ ବ୍ରହ୍ମକମଳ



ଭଦ୍ରକ, ୧୫।୭ (ରବିନାରାୟଣ ଖିଲାର): ଭଦ୍ରକର ବରିଷ୍ଠ ଆଇନଜୀବୀ ଧୀରେନ୍ଦ୍ର ରାୟଙ୍କ ବାଡ଼ିରେ ବ୍ରହ୍ମକମଳ ଫୁଲ ଫୁଟିଛି। ଗୋଟିଏ କିମ୍ବା ଦୁଇଟି ନୁହେଁ ଏକାଥରକେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ବ୍ରହ୍ମକମଳ ଫୁଲ ଫୁଟିଥିବା ସେ ଦେଖିବାକୁ ପାଇଥିଲେ। ତାଙ୍କ ଘର ଭଦ୍ରକ ସହରର ଚାରିଘରିଆ ନିକଟସ୍ଥ ଜିଲା ପରିଷଦ କାର୍ଯ୍ୟାଳୟ ନିକଟରେ। ଖବରପାଇ ଶତାଧିକ ଲୋକ ତାଙ୍କ ବାସଭବନରେ ପହଞ୍ଚି ବ୍ରହ୍ମକମଳ ଫୁଲର ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ।

## ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ବାଟ ଫିଟିଲା

କେନ୍ଦୁଝର,୧୫।୭(ଦୀପକ ମିଶ୍ର): କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ପାଇଁ ବାଟ ଫିଟିଛି। ଶୁକ୍ରବାର ସଂଘ ପକ୍ଷରୁ ବିବାଦୀୟ ହୋଇ ପଡ଼ିଥିବା ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତାମାନେ ଚୂଡ଼ାନ୍ତ ସଭ୍ୟ ତାଲିକା ଉପଦେଷ୍ଟା କୈଳାସ ଚନ୍ଦ୍ର ପଣ୍ଡା ଓ ଗୋପାଳ କୃଷ୍ଣ ପରିଡ଼ାଙ୍କୁ ପ୍ରଦାନ କରିଛନ୍ତି। ଫଳରେ ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ ବିବାଦର ଅନ୍ତ ଘଟିଛି। ସଭ୍ୟ ତାଲିକା ଅନୁସାରେ ମୋଟ ୪ ହଜାର ୫ଶହ ପାଖାପାଖି ସଭ୍ୟଙ୍କ ନାମ ଘୋଷଣା କରାଯାଇଛି। ସେପ୍ଟେମ୍ବର ସୁଦ୍ଧା ନିର୍ବାଚନ କରାଯିବ ଓ ଦିନେ ଦୁଇଦିନ ମଧରେ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଉପଦେଷ୍ଟା ପଣ୍ଡା କହିଛନ୍ତି।

## ହତ୍ୟା ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ଔପଦା, ୧୫।୭(ଧରିତ୍ରୀ ପଣ୍ଡା): ୨୦୧୮ରୁ ହତ୍ୟା ମାମଲାରେ ସମ୍ପୃକ୍ତି ଥାଇ ଫେରାର ଥିବା ଅଭିଯୁକ୍ତଙ୍କୁ ଔପଦା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଔପଦା ଥାନା ବଡ଼ପୋଖରୀ ପଞ୍ଚାୟତ ଦୁର୍ଗାପୁର ଗ୍ରାମର ବଟା ସିଂ ଓ ଜଟା ସିଂ ଦୁଇ ଭାଇ ମିଶି ଘରୋଇ କଳିକୁ ନେଇ ତାଙ୍କ ବଡ଼ଭାଇଙ୍କୁ ହତ୍ୟା କରିଥିଲେ। ଜଟା ସିଂଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ପୋଲିସ ପକ୍ଷରୁ ମାମଲା (ନଂ. ୫୭/୨୦୧୮) ରୁଜୁ କରାଯାଇ ଥିବା ବେଳେ ବଟା ସିଂ ଫେରାର ଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ ପରେ ଔପଦା ଥାନା ଆଇଆଇସି କମଳିନୀ ତାଣ୍ଡି ସଦଳବଳେ ଚଢ଼ାଉ କରି ଖଇରା ଥାନା ଅଞ୍ଚଳର ଡଗରପଡ଼ା ପଞ୍ଚାୟତ ନିକଟ ମୁନିଦା ନଛିପୁର ଗ୍ରାମ ବିଲ ମଝି ଫାର୍ମ ହାଉସ୍‌ରେ ଲୁଚି ରହିଥିବା ଅଭିଯୁକ୍ତଙ୍କୁ ଧରି କୋର୍ଟଚାଲାଣ କରିଥିବା ପୋଲିସ ପକ୍ଷରୁ ଜଣାଯାଇଛି।

## ଭାଜପାର ଜନସମ୍ପର୍କ ଅଭିଯାନ

ହାଟଡିହୀ,୧୫।୭(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶାଳଣିଆ ମଣ୍ଡଳ ଅଧୀନ ଆଇତିପୁର ପଞ୍ଚାୟତର ରତକଣାଠାରେ ଭାଜପାର ମହା ଜନସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିସହ ବଞ୍ଚୋ ପଞ୍ଚାୟତରେ ଗୃହ ସମ୍ପର୍କ ଅଭିଯାନ ମାଧମରେ ଭାଜପା କାର୍ଯ୍ୟକର୍ତ୍ତା ଘରକୁ ଘର ଯାଇ ଲୋକଙ୍କୁ କେନ୍ଦ୍ର ସରକାରଙ୍କ ଯୋଜନା ବିଷୟରେ ଅବଗତ କରାଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ସରକାରଙ୍କ ୯ ବର୍ଷର ସଫଳତା ସମ୍ପର୍କିତ କରପତ୍ର ବଣ୍ଟନ ସହ, ୟୁସିସିକୁ ସମର୍ଥନ ପାଇଁ ସାଧାରଣ ଜନତାଙ୍କୁ ଅବଗତ ଏବଂ ସଚେତନ କରାଇଥିଲେ। ଆଇତିପୁର ପଞ୍ଚାୟତର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଦୀପ ସେଠୀଙ୍କ ନେତୃତ୍ୱରେ ଏ ଅଭିଯାନ ଚାଲିଥିବା ବେଳେ ବଞ୍ଚୋରେ ଦୀପ୍ତି ଖୁଣ୍ଟିଆ ନେତୃତ୍ୱ ନେଇଥିଲେ। ଅଭିଯାନରେ ଆନନ୍ଦପୁର ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ସେଠୀ, ଜିଲା ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତସିଂହାର, ଶାଳଣିଆ ମଣ୍ଡଳ ସଭାପତି ବଳଭଦ୍ର ବାରିକ, ବଞ୍ଚୋ ମଣ୍ଡଳ ସଭାପତି ଶଶିକାନ୍ତ ରାଉତଙ୍କ ସମେତ ପ୍ରକାଶ ସାହୁ, ଗୋବିନ୍ଦ ସେଠୀ, ଜିତେନ୍ଦ୍ର ଭୁତିଆ, ପ୍ରଦୀପ ସେଠୀ, ସୁରେନ୍ଦ୍ର ବିଶ୍ୱାଳ, କାହ୍ନୁ ରଣା, ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଅଭିଯାନରେ ସାମିଲ ହୋଇଥିଲେ।

### ନୋଟିସ୍ ଦେବାରେ ବିଳମ୍ବ

# ୮ ଘଣ୍ଟା ଧାରଣାରେ ପଞ୍ଚାୟତ କାର୍ଯ୍ୟକର୍ତ୍ତା

- ହାଇକୋର୍ଟଙ୍କ ରହିତାଦେଶ
- ସୁନେଇ ପାଣି ପଞ୍ଚାୟତ ଶୀର୍ଷ କମିଟି ନିର୍ବାଚନ ସ୍ଥଗିତ

ଉଦଳା, ୧୫।୭(ସନ୍ତୋଷ କୁମାର ବାଛିନୀ)



ପୂର୍ବ ନିର୍ଦ୍ଧାରିତ ସୁନେଇ ମଧ୍ୟମ ଜଳସେଚନ ପ୍ରକଳ୍ପର ପାଣି ପଞ୍ଚାୟତ ଶୀର୍ଷ କମିଟିର ନିର୍ବାଚନ ଶନିବାର ହେବାକୁ ଥିବା ବେଳେ ହାଇକୋର୍ଟଙ୍କ ରହିତାଦେଶ ବଳରେ ବିବାଦୀୟ ଢଙ୍ଗରେ ନିର୍ବାଚନ ଦାୟିତ୍ୱରେ ଥିବା ସୁନେଇ ଜଳସେଚନ ପ୍ରକଳ୍ପର ଅଧିକାରୀ ନିର୍ବାଚନକୁ ବନ୍ଦ କରିଦେଇଛନ୍ତି। ଏହି ନିର୍ବାଚନ ସଂକ୍ରାନ୍ତରେ ହାଇକୋର୍ଟଙ୍କ ଆଦେଶନାମା ଡବ୍ଲ୍ୟୁପି(ସି) ୨୨୦୪୨ ଅଫ୍ ୨୦୨୩ ଏବଂ ଆଇ.ଏ. ନଂ ୧୦୪୬୨ ଅଫ୍ ୨୦୨୩ ଅନୁଯାୟୀ ସୁନେଇ ପାଣି ପାଞ୍ଚାୟତ ଶୀର୍ଷ କମିଟିର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପାଇଁ ହେବାକୁ ଥିବା ନିର୍ବାଚନ ସ୍ଥଗିତ ହେବା ସହିତ ହାଇକୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପରେ ପ୍ରକ୍ରିୟା ଆରମ୍ଭ ହେବ ବୋଲି ନୋଟିସ୍ ଜାରି କରିଥିଲେ। ତେବେ ପୂର୍ବରୁ ଶୀର୍ଷ କମିଟି ପାଇଁ ତା ୧୫।୭।୨୩ ରିଖ ଧାର୍ଯ୍ୟ ହୋଇଥିଲା। ସମସ୍ତ ନିର୍ବାଚନ ପ୍ରକ୍ରିୟା ମଧ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ଏପରିକି ମତଦାନ କେନ୍ଦ୍ରରେ ପାଣି ପଞ୍ଚାୟତର କାର୍ଯ୍ୟକର୍ତ୍ତା ଅଧାରୁ ଅଧିକ ପ୍ରବେଶ କରିସାରିଥିଲେ। ପ୍ରଥମେ ଶୀର୍ଷ କମିଟିର କାର୍ଯ୍ୟନିର୍ବାହୀ ସଦସ୍ୟ ୯ଜଣଙ୍କ ପାଇଁ ମତଦାନ ହୋଇ ଶେଷରେ ଶୀର୍ଷ କମିଟିର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ନିର୍ବାଚନ ହୋଇଥାନ୍ତା। ହାଇକୋର୍ଟଙ୍କ ରହିତାଦେଶ ଯୋଗୁ ସବୁ ନିର୍ବାଚନକୁ ସ୍ଥଗିତ ରହିଥିଲା। ଏ ଘଟଣାକୁ ନେଇ ମତଦାନ କେନ୍ଦ୍ର ଅର୍ଥାତ ଉଦଳା ସନ୍ଧାନ ଗୃହ ସମ୍ମୁଖରେ ପ୍ରବେଶ କରିଥିବା ୩୦ରୁ ଅଧିକ ସଦସ୍ୟ ଅସନ୍ତୋଷ ପ୍ରକାଶ କରିବା ସହିତ ମତଦାନ କେନ୍ଦ୍ର ସାମ୍ନାରେ ଧାରଣାରେ ବସିଥିଲେ। ସୁନେଇ ନିର୍ବାଚନ ପରିଚାଳନା କରୁଥିବା ଉପ ନିର୍ବାହୀଯନ୍ତ୍ରୀ କାହିଁକି ପୂର୍ବରୁ ସୂଚନା ନ ଦେଇ ହଠାତ ଏମିତି ନିଷ୍ପତ୍ତି ଗ୍ରହଣ କଲେ ସେ ନେଇ ନିର୍ବାଚନ ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀଙ୍କୁ ଏକରକମ ଅଟକ ରଖିଥିଲେ। ତେବେ ମତଦାନ କେନ୍ଦ୍ର ପରିସରରେ ପୋଲିସ ମୁତୟନ ହୋଇଥିଲେ ହେଁ ଚାପା ଉତ୍ତେଜନା ଲାଗିରହିଥିଲା । ଦୀର୍ଘ ସମୟ ଧରି ଧାରଣାରେ ବସିରହିଥିଲେ ହେଁ ପ୍ରଥମେ ଏସ୍‌ଇ ଆର.କେ. ପଣ୍ଡା ଓ ଅପରାହ୍ନରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ତଥା ନିର୍ବାଚନ ଅଧିକାରୀ ରମାକାନ୍ତ ମହାପାତ୍ର ପହଞ୍ଚି ଆଲୋଚନା କରିବା ସହିତ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ସମ୍ମାନ ଦେବା ସହ ପରବର୍ତ୍ତୀ ନିଷ୍ପତ୍ତି ଅନୁସାରେ ନିର୍ବାଚନ ପ୍ରକ୍ରିୟା କରିବାକୁ ଲିଖିତ ଦେବା ପରେ ଅପରାହ୍ନ ୫ଟାରେ ଧାରଣାରୁ ଉଠିଥିଲେ।

ସୂଚନାଯୋଗ୍ୟ ଯେ, ସୁନେଇ ପାଣି ପଞ୍ଚାୟତର ୨୦ଟି ପାଣି ପଞ୍ଚାୟତ କପ୍ତିପଦା, ଉଦଳା, ଗୋପବନ୍ଧୁ ନଗର ଓ ବାଲେଶ୍ୱର ଜିଲାର ବରହମପୁରକୁ ନେଇ ଗଠିତ। ୬୦ କାର୍ଯ୍ୟକର୍ତ୍ତାଙ୍କ ମଧରେ ୯ଜଣ ଶୀର୍ଷ କମିଟିକୁ ନିର୍ବାଚିତ ହେବା ସହ ଉକ୍ତ କମିଟି ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ନିର୍ବାଚିତ କରିଥାନ୍ତି। ତେବେ ଏହି ନିର୍ବାଚନକୁ ନେଇ ରାଜନୈତିକ ତତ୍ପରତା ବୃଦ୍ଧି ପାଇବା ସହ ପ୍ରମୁଖ ରାଜନୈତିକ ଦଳର ଦୁଇ ଗୋଷ୍ଠୀ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଶୀର୍ଷ କମିଟି ହାତେଇବାକୁ ଯୋଜନା କରିଥିଲେ । ମାତ୍ର ଗୋଟିଏ ଗୋଷ୍ଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏହି ଝଟକା ଦେବା ପରେ ସବୁ ଯୋଜନା ପଣ୍ଡ ହୋଇଯାଇଛି। ଉଦଳା ଥାନା ଅଧିକାରୀ ନିରୋଜ ସାମଲ ବ୍ୟାପକ ପୋଲିସ ମୁତୟନ ପୂର୍ବକ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନଜର ରଖିଥିଲେ ।

## ନିଜ ପାଇଁ ଗଛଟିଏ



ଶିଶୁମନ୍ଦିରରେ ବନ ମହୋତ୍ସବ ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର।

ବାରିପଦା,୧୫।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ୍ ଅଧୀନ ବେଲପାଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିବେଶକୁ ସୁରକ୍ଷା ଦେବା ସହିତ ନିଜ ଜୀବନ ବଞ୍ଚାଇବା ପାଇଁ ଗଛଟିଏ ଜରୁରୀ ବୋଲି ମୁଖ୍ୟ ଅତିଥିଭାବେ ଗାୟତ୍ରୀ ପରିବାରର ବିଦେଶୀ ସେଠୀ ମତ ପ୍ରକାଶ କରିଛନ୍ତି। ଛାତ୍ରୀଛାତ୍ରମାନେ ହିଁ ପ୍ରକୃତିକୁ ବିପଦରୁ ରକ୍ଷା କରିପାରିବେ ବୋଲି କହିବା ସହ ବନୀକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ କହିଥିଲେ। ଗଛ ଲଗାଇବା ସହ ତାର ଯତ୍ନ ନେଇ ବଡ଼ କରିପାରିଲେ ଲକ୍ଷ୍ୟ ସାଧିତ ହୋଇପାରିବ। ପ୍ରାରମ୍ଭରେ ଅତିଥିମାନେ ମା’ ବାଗଦେବୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥିଭାବେ ପ୍ରୀତିସୁଧା ତ୍ରିପାଠୀ, ଅମୂଲ୍ୟ ପରିଡ଼ା, ଗଗନ ବିହାରୀ ବେହେରା, ରସାନନ୍ଦ ବଳା ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ ସମ୍ପର୍କରେ ଅଭିହିତ କରିଥିଲେ। ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ଶାଶ୍ୱତୀ ଦାସ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ନୀଳାଦ୍ରି ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗାୟତ୍ରୀ ପରିବାର ସଦସ୍ୟା ସଦସ୍ୟମାନେ ଚାରାକୁ ପୂଜାର୍ଚ୍ଚନା କରିବା ପରେ ରୋପଣ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର, ଗୁରୁମା, ଗୁରୁଜୀ ଓ ପରିଚାଳନା ସମିତି ସଦସ୍ୟମାନେ ମିଳିତ ଭାବେ ଚାରା ରୋପଣ କରିଥିଲେ।

## ଋଣ ପାଇଁ ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ଚମ୍ପୁଆ,୧୫।୭(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ଜାମୁଦଲକ ଓ କୋଦଗଡ଼ିଆ ଲ୍ୟାମ୍ପ ଅଧୀନରେ ରହିଥିବା ଚାଷୀମାନେ ଋଣ ଆବେଦନ କରି ପାଇ ନ ଥିବାରୁ ଏସ୍‌ଏଆର୍‌ସିଏସ୍ ମଙ୍ଗଳ ସୋରେନଙ୍କ ନିକଟରେ ଅଭିଯୋଗ କରିଛନ୍ତି। କୋଦଗଡ଼ିଆ ଓ ଜାମୁଦଲକ ଲ୍ୟାମ୍ପର ୧୫ରୁ ଊର୍ଦ୍ଧ୍ୱ ଚାଷୀ ଋଣ ପାଇଁ ୩ ମାସ ଧରି ଆବେଦନ କରିଥିଲେ ମଧ ପାଇ ପାରିନାହାନ୍ତି। ଏ ନେଇ ତପନ ମହାନ୍ତ, ନରୋତ୍ତମ ମହାନ୍ତ, ରମେଶ ମୁଣ୍ଡା ଚମ୍ପୁଆ ଲ୍ୟାମ୍ପ କାର୍ଯ୍ୟାଳୟଠାରେ ଏସଏଆରସିଏସ ସୋରେନଙ୍କୁ ଅଭିଯୋଗ କରିଥିଲେ। ଆସନ୍ତା ସୋମବାର ସୁଧା ଋଣ ବାବଦରେ କାଗଜ ପତ୍ର ପ୍ରସ୍ତୁତ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ଏସ୍‌ଏଆର୍‌ସିଏସ୍ ଶୁସିଲ ନାଏକ ଚାଷୀଙ୍କୁ ସୂଚନା ଦେଇଥିଲେ।

## ମୋ ଘର ଯୋଜନାର ଶୁଭାରମ୍ଭ



ବିଧାୟକ, ଅଧକ୍ଷାଙ୍କ ତରଫରୁ ଚେକ୍ ପ୍ରଦାନ କରାଯାଉଛି।

ଖଇରା, ୧୫।୭(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ମୋ ଘର ଯୋଜନାର ଶୁଭାରମ୍ଭ ହୋଇଛି । ପ୍ରଥମ ବ୍ୟକ୍ତି ଭାବେ ଗଡପୋଖରୀ ପଞ୍ଚାୟତ ଡାହି ଗ୍ରାମର ଦିନମଜୁରିଆ ମହେନ୍ଦ୍ର ଜେନାଙ୍କୁ କୁପାରୀ ଷ୍ଟେଟବ୍ୟାଙ୍କ ସହାୟତାରେ ଘର ତିଆରି ନିମିତ୍ତ ୩ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମହେନ୍ଦ୍ରଙ୍କ ଘରକୁ ଯାଇ ଏହି ଚେକ୍ ପ୍ରଦାନ କରିଥିବା ବେଳେ ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ବିଡିଓ ଉତ୍ତମ କୁମାର ଜେନା, ସହକାରୀ ଯନ୍ତ୍ରୀ ସୌମ୍ୟମୁକୁଳ ବାରିକ, ବ୍ଲକ ଉପାଧକ୍ଷ ଗଜେନ୍ଦ୍ର ପରିଡା, କୁପାରୀ ଷ୍ଟେଟବ୍ୟାଙ୍କର ଶାଖା ପରିଚାଳକ ଭୁବନାନନ୍ଦ ପାଣିଗ୍ରାହୀ, ଅନନ୍ତ ପ୍ରସାଦ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ପରେ ହିତାଧିକାରୀ ମହେନ୍ଦ୍ର ଜେନାଙ୍କୁ ସହାୟତା ସମ୍ପର୍କରେ ପଚାରିବାରେ ସେ ଅତ୍ୟନ୍ତ ଖୁସିଥିବା କହିବା ସହ ଓଡିଶା ସରକାରଙ୍କୁ ଏଭଳି ଯୋଜନା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ‘ଭାଷାକୁ ଶୃଙ୍ଖଳିତ କରେ ବ୍ୟାକରଣ’



ଅତିଥିଙ୍କ ଦ୍ୱାରା ଇଂଲିଶ ବ୍ୟାକରଣ ପୁସ୍ତକ ଉନ୍ମୋଚନ କରାଯାଉଛି।

ସିମୁଳିଆ, ୧୫।୭(ସନ୍ତୋଷ ନାୟକ)

ଛାତ୍ରୀଛାତ୍ରମାନେ ବ୍ୟାକରଣ ମାଧ୍ୟମରେ ଇଂଲିଶ ଭାଷା ଜ୍ଞାନ ବଢ଼ାଇବା ଉଦ୍ଦେଶ୍ୟରେ ବରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷଣୀୟ ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅଭିଜ୍ଞ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ସୂଚନା ପ୍ରଦାନ କରିଥିଲେ। ଅତିଥି ରୂପେ ଏହି ବିଦ୍ୟାଳୟର ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ଗଣେଶ ପ୍ରସାଦ ସେନାପତି ଯୋଗଦେଇ ‘ଆଦର୍ଶ ନାଗରିକ ବ୍ରହ୍ମାଣ୍ଡର କଲ୍ୟାଣ କରନ୍ତି’ ବୋଲି କହିଥିଲେ। ସେହିପରି ବରିଷ୍ଠ ନାଗରିକ ବଙ୍କବିହାରୀ ରାଉତ ‘ଛାତ୍ରୀଛାତ୍ରମାନେ ଆଗକୁ ଗଲେ ଗୁରୁ ଖୁସି ହୁଅନ୍ତି’ ବୋଲି କହିଥିଲେ। ବାଲିଖଣ୍ଡ ଅଞ୍ଚଳର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ସନାତନ ବେହେରା ‘ଭଲକୁ ଅନୁକରଣ କରିବା ଜଣେ ଭଲ ଲୋକର କର୍ତ୍ତବ୍ୟ’ ବୋଲି କହିଥିଲେ। ବରି ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ପାଣିଗ୍ରାହୀ ‘କ୍ୟାରିଅର ଗଠନ ପାଇଁ ସମୟ ନଷ୍ଟ ନ କରି ଛାତ୍ରୀଛାତ୍ରମାନେ ଶିକ୍ଷକମାନଙ୍କ ସମ୍ପର୍କରେ ରହିବା ଉଚିତ’ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ରୂପେ ଭଦ୍ରକ ସ୍ୱୟଂଶାସିତ କଲେଜ ପ୍ରାଧ୍ୟାପକ ଡ.ବ୍ରଜମୋହନ ମିଶ୍ର ବିଭିନ୍ନ ଉଦାହରଣ ମାଧ୍ୟମରେ ‘ବ୍ୟାକରଣ ଭାଷାକୁ ଶୃଙ୍ଖଳିତ କରେ’ ବୋଲି କହିଥିଲେ। ଏହି ଅବସରରେ ବରି ହାଇସ୍କୁଲର ପ୍ରତିଷ୍ଠାତା ତଥା ପ୍ରାକ୍ତନ ଆଦର୍ଶ ଶିକ୍ଷକ ବଙ୍କିମ ଚନ୍ଦ୍ର ମହାରଣାଙ୍କ ଉଦ୍ଦେଶ୍ୟରେ ଏହି ବିଦ୍ୟାଳୟ ଛାତ୍ର ତଥା ପ୍ରାକ୍ତନ ଶିକ୍ଷକ ବସନ୍ତ କୁମାର ଲେଙ୍କାଙ୍କ ଦ୍ୱାରା ଲିଖିତ ଇଂଲିଶ ପୁସ୍ତକ ‘ଫଙ୍କଶନାଲ ଆପ୍ରୋଚ ଟୁ ଟେନସେସ୍ ଇନ୍ ଇଂଲିଶ’କୁ ସମର୍ପିତ କରାଯିବା ସହିତ ବିଭିନ୍ନ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ପୁସ୍ତକ ସମ୍ପର୍କରେ ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ଲେଙ୍କା ସୂଚନା ଦେଇଥିଲେ। ପ୍ରଧାନ ଶିକ୍ଷକ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହିତ ପ୍ରତ୍ୟେକ ଶନିବାର କିମ୍ବା ମାସରେ ଦୁଇଥର ବିଭିନ୍ନ ବିଶିଷ୍ଟ ଅତିଥିମାନଙ୍କୁ ଡକାଇ ଛାତ୍ରୀଛାତ୍ରମାନଙ୍କ ଜ୍ଞାନର ପରିସର ବୃଦ୍ଧି ପାଇଁ ଯୋଜନା କରାଯିବା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଇଦିନ ଧରି ଆଗରପଡ଼ାରୁ ଭଦ୍ରକ ବସ୍ ସେବା ବନ୍ଦ

ଆଗରପଡ଼ା, ୧୫।୭(ସୁଶାନ୍ତ କୁମାର ଦାଶ)

ଗତ ଦୁଇଦିନ ଧରି ଆଗରପଡ଼ାରୁ ଭଦ୍ରକ ବସ୍ ସେବା ବନ୍ଦ ରହିଛି। ଭଦ୍ରକରୁ ଆଗରପଡ଼ା ଯାଉଥିବା ବସ୍‌ଗୁଡ଼ିକ ଆଗରପଡ଼ା ସିଟି ସ୍କୁଲ ନିକଟରେ ଥିବା ନୂତନ ବସ୍‌ଷ୍ଟାଣ୍ଡକୁ ଯିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏନେଇ ଆଗରପଡ଼ା ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ନୂଆ ବସ୍‌ଷ୍ଟାଣ୍ଡକୁ ୪ଦିନ ବସ୍ ଯାତାୟାତ ପରେ ଶୁକ୍ରବାରଠାରୁ କୌଣସି ସୂଚନା ନ ଦେଇ ବସ୍ ମାଲିକମାନେ ବସ୍ ଚଳାଚଳ ବନ୍ଦ କରି ଦେଇଛନ୍ତି। ଫଳରେ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଜିଲା ମୁଖ୍ୟାଳୟକୁ କୋର୍ଟ କଚେରୀ କାମ, ରୋଗୀ ଡାକ୍ତରଖାନା ଓ ଛାତ୍ରୀଛାତ୍ର କଲେଜକୁ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସ୍ ବନ୍ଦ ଥିବାରୁ ଯାତ୍ରୀମାନେ ଟାଟାମ୍ୟାଜିକ ଓ ଅଟୋରେ ଯିବାଆସିବା କରିବା ସହ ସେମାନଙ୍କୁ ଅଧିକ ଭଡ଼ା ଦେବାକୁ ପଡୁଛି। ଭଦ୍ରକରୁ ଆଗରପଡ଼ା ଚଳାଚଳ କରୁଥିବା ବସ୍‌ଗୁଡ଼ିକ ମଧରେ କେତେକ ବସ୍‌ର କୁପାରୀ ଏବଂ ଖଇରା ପର୍ଯ୍ୟନ୍ତ ପରମିଟ୍ ଥିଲେ ମଧ ଆଗରପଡ଼ାରୁ ଆଗକୁ ଯାଉନାହାନ୍ତି। ଆଗରପଡ଼ାରୁ ଭଦ୍ରକ ୨୨ କି.ମି. ରାସ୍ତା ହୋଇଥିବା ବେଳେ ସରକାରଙ୍କ ଧାର୍ଯ୍ୟ ଭଡ଼ାଠାରୁ ୧୦ ଟଙ୍କା ଅଧିକ ଅର୍ଥାତ୍ ୩୦ ଟଙ୍କା ଯାତ୍ରୀମାନଙ୍କଠାରୁ ନିଆଯାଉଥିବା ଅଭିଯୋଗ ହେଉଛି। ଏନେଇ ଅଞ୍ଚଳବାସୀ, ଛାତ୍ର ଓ ବ୍ୟବସାୟୀ ସଂଘ ବସ୍ ମାଲିକଙ୍କ ଏହି ମନମୁଖି ନୀତିକୁ ନାପସନ୍ଦ କରିବା ସହ ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ନରଣପୁର-ଡୁବୁରୀ ରାଜପଥ-୭୨୦ ଡିପିଆର ପ୍ରସ୍ତୁତ



କେନ୍ଦୁଝର,୧୫।୭(ଦୀପକ ମିଶ୍ର)

ନରଣପୁର-ଡୁବୁରୀ ପୂର୍ତ୍ତ ବିଭାଗ ରାସ୍ତା ଜାତୀୟ ରାଜପଥକୁ ହସ୍ତାନ୍ତର ପରେ ଏହାର ଡିପିଆର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅଳ୍ପ ଦିନ ମଧରେ ସଡ଼କ ପରିବହନ ଓ ରାଜମାର୍ଗ ବିଭାଗ ନୂଆଦିଲ୍ଲୀକୁ ପଠାଯିବ ବୋଲି ଜଣାପଡ଼ିଛି। ନୂତନ ରାଜପଥ ହେବା ପରେ ପାରାଦ୍ୱୀପକୁ ଖଣିଜ ପରିବହନରେ ସୁବିଧା ହେବା ସହ ସାଧାରଣା ଲୋକେ ଉପକୃତ ହେବେ।

ପ୍ରକାଶ ଯେ, ନରଣପୁର-ଡୁବୁରୀ ପୂର୍ତ୍ତବିଭାଗ ୮୯ କିଲୋମିଟର ଜାତୀୟ ରାଜପଥ ୭୨୦ ଇଣ୍ଟର କରିଡର ଜାତୀୟ ରାଜପଥ ଭାବେ ଘୋଷଣା କରାଯାଇଛି। ଡିପିଆର ସଡ଼କ ପରିବହନ ଏବଂ ରାଜମାର୍ଗ ଅନୁମୋଦନ ପରେ ଜମି ଅଧିଗ୍ରହଣ ସହ ଟେଣ୍ଡର କରାଯିବ। ପୂର୍ବରୁ ବଡ଼ବିଲଠାରୁ ପାରାଦୀପ ପର୍ଯ୍ୟନ୍ତ ରାସ୍ତା ୮ ଲେନ ପାଇଁ ପ୍ରସ୍ତାବ ଥିବାବେଳେ ଏବେ କେନ୍ଦୁଝର ନରଣପୁରଠାରୁ ଡୁବୁରୀ ପର୍ଯ୍ୟନ୍ତ ୪ ଲେନ ପାଇଁ ଟେଣ୍ଡର ହେବ ବୋଲି ଜଣାପଡ଼ିଛି। ଯୋଡ଼ା, କେନ୍ଦୁଝର ଆଦି ସ୍ଥାନରୁ ଲୁହାପଥର ପାରାଦ୍ୱୀପକୁ ପରିବହନ ଉଦ୍ଦେଶ୍ୟରେ ଏହି ରାସ୍ତା ବ୍ୟବହାର ଉଦ୍ଦେଶ୍ୟରେ ହେଉଥିବାବେଳେ ସଡ଼କ ଦୁର୍ଘଟଣା କିପରି କମ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। କେନ୍ଦୁଝର-ଯାଜପୁର ଜିଲା ମଧର ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ୪ ଲେନ ହେଲେ ପାରାଦ୍ୱୀପକୁ ଖଣିଜପଥର ପରିବହନ ସହଜ ହେବ। ଏଥିସହ କଟକ-ଭୁବନେଶ୍ୱରକୁ ରାସ୍ତା କମିବ ବୋଲି ଜାତୀୟ ରାଜପଥ ପ୍ରାଧିକରଣର ଯନ୍ତ୍ରୀ ଅରୁଣ କୁମାର ଦାସ ପ୍ରକାଶ କରିଛନ୍ତି।

## ମୃତ ଆମ୍ବୁଲାନ୍ସ କର୍ମଚାରୀଙ୍କ ପରିବାରକୁ ୧.୩ ଲକ୍ଷ ଆର୍ଥିକ ସହାୟତା

ଭଦ୍ରକ,୧୫।୭(ସନାତନ ରାଉତ)

ଗତ ୪ ତାରିଖରେ ଦୁର୍ଘଟଣାରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଚାନ୍ଦବାଲି ଏନ୍‌ଏସି ପାହାଡ଼ପୁର ୱାର୍ଡର ସଞ୍ଜୟ କୁମାର ସାହୁଙ୍କ ମୃତ୍ୟୁ ଘଟିଥିଲା। ଅଲ୍ ଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସଂଘ ପକ୍ଷରୁ ମୃତ ସଞ୍ଜୟଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ୨୮ ଜିଲାରୁ ଆସିଥିବା ସଂଘ କର୍ମକର୍ତ୍ତାମାନେ ଚାନ୍ଦବାଲି ସହରରେ ସ୍ୱର୍ଗତ ସଞ୍ଜୟଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରାରେ ତାଙ୍କ ବାସଭବନରେ ପହଞ୍ଚି ପରିବାରକୁ ୧ ଲକ୍ଷ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ସଞ୍ଜୟ ୧୦୮ ଆମ୍ବୁଲାନ୍ସରେ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟରତ ଥିଲେ। ଗତ ୨ ତାରିଖରେ କଟକରୁ ରୋଗୀ ଛାଡ଼ି ଫେରୁଥିବା ବେଳେ କେନ୍ଦ୍ରାପଡ଼ା ଗରାପୁର ଛକ ନିକଟରେ ଏକ ହାଇୱା ସହ ଆମ୍ବୁଲାନ୍ସ ଧକ୍କା ହେବାରୁ ତାଙ୍କର ଗୋଟିଏ ହାତ ସମ୍ପୂର୍ଣ୍ଣ ଭାବେ ଛିଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।



ସହାୟତା ଦେବାକୁ ଆସିଥିବା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସଂଘର ସଦସ୍ୟ।

## ୨ ମାସ ହେଲା ‘ବସୁଧା’ରୁ ଜଳ ଯୋଗାଣ ବନ୍ଦ

- ରାସ୍ତା ନିର୍ମାଣକାରୀ ସଂସ୍ଥା ପାଇପ ଭାଙ୍ଗିଦେଲା
- ପାନୀୟ ଜଳ ପାଇଁ ବଡ଼କାଳିମାଟିବାସୀ ଡହଳବିକଳ

ଯୋଡ଼ା,୧୫।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବଡ଼କାଳିମାଟି ପଞ୍ଚାୟତକୁ ୨ ମାସ ହେବ ବସୁଧା ଯୋଜନାରେ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ରାସ୍ତା ନିର୍ମାଣକାରୀ ସଂସ୍ଥା ପାଇପ୍ ଭାଙ୍ଗିଦେଇଥିବା ବେଳେ ପଞ୍ଚାୟତବାସୀ ପାନୀୟ ଜଳ ପାଇଁ ଡହଳବିକଳ ହେଉଛନ୍ତି। ଏ ନେଇ ପଞ୍ଚାୟତ ଓ ଜଳ ଯୋଗାଣ ବିଭାଗକୁ ବାରମ୍ବାର ଜଣାଇଥିଲେ ମଧ କୌଣସି ଫଳ ମିଳିନାହିଁ। ଅନ୍ୟ କୌଣସି ଉପାୟ ନ ପାଇ ଦୂଷିତ ଚୁଆ ପାଣି ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ବସୁଧା ଯୋଜନାରେ ବେଲଦାଠାରେ ଏକ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କରାଯାଇଛି। ପ୍ରକଳ୍ପ ଦ୍ୱାରା ବଡ଼କାଳିମାଟି ପଞ୍ଚାୟତ ସହିତ ବସନ୍ତପୁର ପଞ୍ଚାୟତର ଲୋକଙ୍କୁ ପାଣି ଯୋଗାଇ ଦିଆଯାଉଥିଲା। ବାମେବାରୀ-ପଳାସ୍ୱଙ୍ଗା ରାସ୍ତା ନିର୍ମାଣ ବେଳେ ବଡ଼ ବଡ଼ ମେଶିନ ଦ୍ୱାରା ପାଇପ ଲାଇନକୁ ଫଟାଇ ଦିଆଯାଇଛି। ଏଥିରେ ବଡ଼କାଳିମାଟି ସଂଯୋଗ ପାଇପ ଭାଙ୍ଗିଯାଇଥିବାରୁ ପଞ୍ଚାୟତବାସୀ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟ କୌଣସି ସୁବିଧା ନ ଥିବାରୁ ଗାଁ ପାଖ ଚୁଆ ଓ ନାଳ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। କାଳିମାଟିରେ ବହୁ ଖଣି ଓ ଶିଳ୍ପ କାରଖାନା ରହିଛି। ସରକାର ଅଞ୍ଚଳରୁ କୋଟି କୋଟି ଟଙ୍କା ରାଜସ୍ୱ ପାଉଛନ୍ତି। କିନ୍ତୁ ଏ ଅଞ୍ଚଳର ଲୋକେ ପାନୀୟ ଜଳ ଭଳି ମୌଳିକ ସୁବିଧା ପାଇପାରୁନାହାନ୍ତି ବୋଲି ସ୍ଥାନୀୟ ବାସିନ୍ଦା ପରମେଶ୍ୱର ନାଏକ, ଦୁର୍ଯ୍ୟୋଧନ ବାରିକ, ଡୁକୁରା ମୁଣ୍ଡା, ସିପାଲ ମୁଣ୍ଡା ପ୍ରମୁଖ କହିଛନ୍ତି। ଏହା ସହିତ ଖଣି ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଡିଏମ୍‌ଏଫ୍ (ଜିଲା ଖଣିଜ ପାଣ୍ଠି) ଗଠନ କରାଯାଇଛି। ଏଥିରେ ଅନେକ ହଜାର କୋଟି ଟଙ୍କା ଗଚ୍ଛିତ ଥିଲେ ମଧ ଖଣି ଅଞ୍ଚଳର ବାସିନ୍ଦା ପାଣି ଟୋପେ ପାଇଁ ଡହଳବିକଳ ହେବା ନିତାନ୍ତ ପରିତାପର ବିଷୟ ବୋଲି ବିଚିତ୍ର ବାରିକ ଓ ନନ୍ଦକିଶୋର ବାରିକ କହିଥିଲେ। ପ୍ରକଳ୍ପ ଯନ୍ତ୍ରୀ ଶୁଭେନ୍ଦୁ ନାଏକ କହିଛନ୍ତି, ପିଡବ୍ଲ୍ୟୁଡି ରାସ୍ତା ନିର୍ମାଣକାରୀ ସଂସ୍ଥା ପକ୍ଷରୁ ରାସ୍ତା କାର୍ଯ୍ୟ ବେଳେ ପାଇପ ଭାଙ୍ଗି ଦିଆଯାଇଛି। ଏଥି ସହିତ ୬ଟି ପାଇପକୁ ମଧ ସେମାନେ ନେଇଯାଇଛନ୍ତି। ପାଇପଗୁଡ଼ିକୁ ଦେଇ ଦେଲେ ବିଭାଗ ପକ୍ଷରୁ ମରାମତି କରାଯାଇଥାଆନ୍ତା। ପୂର୍ବରୁ ମଧ ଦୁଇଥର ଭାଙ୍ଗି ଦିଆଯାଇଥିଲା। ବିଭାଗ ପକ୍ଷରୁ ଚିଠି ପରେ ସଂସ୍ଥା ପକ୍ଷରୁ ମରାମତି କରାଯାଇଥିଲା। ତେବେ ଉକ୍ତ ସଂସ୍ଥାକୁ ଜୁନ୍ ୨୬ରେ ମରାମତି କରିବା ପାଇଁ ବିଭାଗ ପକ୍ଷରୁ ଚିଠି କରାଯାଇଛି। ଖୁବ୍‌ଶୀଘ୍ର ଏହାର ମରାମତି କରାଯାଇ ଲୋକଙ୍କୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ।



ରାସ୍ତା ନିର୍ମାଣ ବେଳେ ବାହାର କରାଯାଇଥିବା ପାଣି ପାଇପ୍।

## କ୍ରୀଡ଼ାବିତ୍‌ଙ୍କ ପରଲୋକ

ପାଟଣା,୧୫।୭(ବିର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ଗୁଲୁଦିପଶି ଗ୍ରାମର ଜଣାଶୁଣା କ୍ରୀଡ଼ାବିତ ତଥା ସାମାଜିକ କର୍ମୀ ଭୂଷଣ ବାରିକ(୬୧)ଙ୍କ ଶନିବାର ବିୟୋଗ ଘଟିଛି। ମୃତ୍ୟୁ ଖବର ମିଳିବା ପରେ ପାଟଣା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଯୁବକ ବେଳେ ସେ ଜଣେ ଭଲ ଫୁଟବଲ ଖେଳାଳି ଭାବେ ବେଶ ସୁନାମ ଅର୍ଜନ କରିଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ସୁଦେଶ, ପ୍ରଦୋଷ ଚିନ୍ମୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସ୍କୁଟି ଧକ୍କାରେ ବୃଦ୍ଧ ଗୁରୁତର

ଗୋପବନ୍ଧୁ ନଗର,୧୫।୭(ଶାନ୍ତନୁ କୁମାର ମଲୁଆଲ): ଉଦଳା- ବୈଶିଙ୍ଗା ରାସ୍ତାର ଗଡ଼ିଆମାଳ ଛକ ହନୁମାନ ମନ୍ଦିର ନିକଟରେ ଏକ ସ୍କୁଟି ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ଗୋପବନ୍ଧୁ ନଗର ବ୍ଲକ୍ ଚିଲିମା ଗ୍ରାମର ସୁରେଶ ମୁର୍ମୁ (୭୦) ପୁରୁଣା ବାରିପଦାରୁ କାର୍ଯ୍ୟ ସାରି ଚାଲି ଚାଲି ଘରକୁ ଫେରୁଥିଲେ। ତାଙ୍କ ପଛପଟୁ ସେହି ଗ୍ରାମର ମିଥୁନ ସିଂ (୩୦) ସ୍କୁଟିରେ ଆସି ଧକ୍କା ଦେଇଥିଲେ। ପୁରୁଣା ବାରିପଦା ଅଗ୍ନିଶମ ବିଭାଗ ଉଭୟଙ୍କୁ ଉଦ୍ଧାର କରି କୁଆମରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୁରେଶଙ୍କର ବାମ ଗୋଡ଼ ଭାଙ୍ଗିଥିବା ବେଳେ ସ୍କୁଟି ଚାଳକ ମିଥୁନଙ୍କର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବାର ଡାକ୍ତର କହିଛନ୍ତି।

### ଛାତ୍ର ନେତା ସଂଘମିତ୍ରାଙ୍କୁ ନିର୍ଭୀକ ଅରୁଣ ସମ୍ମାନ

#### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ଦିଆଯିବ 'ଅରୁଣ ଦେ ମେଧାବୀ ଛାତ୍ରବୃତ୍ତି'

ବାଲେଶ୍ୱର, ୧୫।୭(ମାନସ ବିଶ୍ୱାଳ)- ବାଲେଶ୍ୱର ସହର ସହଦେବଖୁଣ୍ଟାସ୍ଥିତ ମାହେଶ୍ୱରୀ ଭବନଠାରେ ଆସନ୍ତା ଅଗଷ୍ଟ ୨ତାରିଖରେ ଗଣ ସଙ୍ଗଠନ 'ଭଏସ୍ ଅଫ୍ ବାଲେଶ୍ୱର' ଆନୁକୂଲ୍ୟରେ ନିର୍ଭିକ ଜନନେତା ସ୍ୱର୍ଗତ ଅରୁଣ ଦେ'ଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳନ କରାଯିବ। ତାଙ୍କ ସ୍ମୃତିରେ ନିର୍ଭିକତା କ୍ଷେତ୍ରରେ ଯୁବ ସମ୍ମାନ 'ନିର୍ଭିକ ଅରୁଣ ସମ୍ମାନ - ୨୦୨୩' ପାଇଁ ମନୋନୀତ ହୋଇଛନ୍ତି ରାଜ୍ୟର ଜଣାଶୁଣା ତଥା ଆଗଧାଡି ଛାତ୍ର ନେତା ସଂଘମିତ୍ରା ଜେନା। ଏଥିସହିତ ଜିଲାରେ ଦଶମ ଶ୍ରେଣୀ ପରୀକ୍ଷାରେ ପ୍ରଥମ ୩ଟି ସ୍ଥାନ ଓ ଯୁକ୍ତ୨ ପରୀକ୍ଷାରେ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯିବ 'ଅରୁଣ ଦେ ମେଧାବୀ ଛାତ୍ରବୃତ୍ତି'। ସେହିପରି ସମାଜର ସେବା ନିମିତ୍ତ କାର୍ଯ୍ୟ କରୁଥିବା ଜିଲାର କିଛି ମନୋନୀତ ସଂଗଠନମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସମ୍ମାନିତ ମଧ କରାଯିବାର ନିଷ୍ପତ୍ତି ନିଆଯାଇଥିବା ସଙ୍ଗଠନ ପକ୍ଷରୁ ଜଣାପଡ଼ିଛି। ଉକ୍ତ ଦିବସରେ ଅନୁଷ୍ଠାନ ପକ୍ଷରୁ 'ସମାଜରେ ନିର୍ଭୀକ ମଣିଷଙ୍କ ଅଭାବ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବେ। ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ନିମନ୍ତେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ଜନସାଧାରଣଙ୍କୁ ବହୁଳ ଭାବେ ଯୋଗଦାନ କରିବାକୁ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଶାନ୍ତନୁ ଦାସ ଓ ଉତ୍ପଳ ମହାନ୍ତି ଅନୁରୋଧ କରିଛନ୍ତି।

### ଖରିଫ ଧାନ କ୍ରୟ ନିମନ୍ତେ ପଞ୍ଜୀକରଣ ଆରମ୍ଭ

ଚମ୍ପୁଆ,୧୫।୭(ମହେଶ୍ୱର ଦାସ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଓଡ଼ିଶା ପକ୍ଷରୁ ୨୦୨୩-୨୪ ଖରିଫ ଋତୁର ଚାଷ ପାଇଁ ଧାନ କ୍ରୟ ନିମନ୍ତେ ଚାଷୀ ପଞ୍ଜୀକରଣ ଆରମ୍ଭ କରାଯାଇଛି। ଶନିବାର ପଞ୍ଜୀକରଣ ପାଇଁ ଚାଷୀଙ୍କୁ ଫର୍ମ ପ୍ରଦାନ କରାଯାଇଛି। ଫର୍ମ ବଣ୍ଟନ ବ୍ୟବସ୍ଥା ୩୧ ଜୁଲାଇ ପର୍ଯ୍ୟନ୍ତ ଜାରି ରହିବ। ୨୬ ଅଗଷ୍ଟ ମଧରେ ଚାଷୀମାନେ ଉକ୍ତ ଫର୍ମ ଲ୍ୟାମ୍ପରେ ଦାଖଲ କରିବାକୁ ସମୟ ଧାର୍ଯ୍ୟ କରାଯାଇଛି। ୧୮ ଜୁଲାଇରୁ ୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଅଣ ଭୁଲେଖ ଜମିର ଯାଞ୍ଚ ସହିତ ଆବେଦନ ସଂଲଗ୍ନ ଦସ୍ତାବିଜ ଯାଞ୍ଚ କରାଯିବ। ୭ ସେପ୍ଟେମ୍ବର ସୁଧା ଯାଞ୍ଚ ରିପୋର୍ଟ ଦାଖଲ ପରେ ୩୦ ସେପ୍ଟେମ୍ବରରେ ଆବେଦନ କରିଥିବା ଚାଷୀଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯିବ ବୋଲି ଜଣାଯାଇଛି। ପ୍ରଥମ ଦିନରେ ଏଆରସିଏସ୍ ମଙ୍ଗଳ ସୋରେନ, ଏସ୍‌ଏଆର୍‌ସିଏସ୍ ଶୁସିଲ ନାଏକ, ଲ୍ୟାମ୍ପ ଏମ୍‌ଡି ବିଭୂତି ଭୂଷଣ ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତିରେ ୯ ଗୋଟି ଫର୍ମ ଚାଷୀଙ୍କୁ ପ୍ରଦାନ କରାଯାଇଥିଲା।

### ଆଶୁତୋଷ ବିଜେଡିର ଜିଲା ସମ୍ପାଦକ

ଭଦ୍ରକ, ୧୫।୭(ସନାତନ ରାଉତ)- ବିଜେଡିର ଭଦ୍ରକ ଜିଲା ସମ୍ପାଦକ ଭାବେ ଚାନ୍ଦବାଲିର ଯୁବନେତା ତଥା ନଳଗୋହିରାର ପୂର୍ବତନ ସରପଞ୍ଚ ଇଂ. ଆଶୁତୋଷ ଭୋଇଙ୍କୁ ମନୋନୀତ କରାଯାଇଛି।



ଛାତ୍ର ଜୀବନରୁ ରାଜନୀତିରେ ପାଦ ଥାପିଥିବା ଆଶୁତୋଷ ଏକ ଘରୋଇ କମ୍ପାନୀରେ ଚାକିରି କରିଥିଲେ। ୨୦୧୭ରେ ଚାକିରି ଛାଡ଼ି ନଳଗୋହିରା ପଞ୍ଚାୟତରେ ସରପଞ୍ଚ ହୋଇଥିଲେ। ଭଦ୍ରକ ଜିଲାରେ ସର୍ବାଧିକ ଭୋଟ ବ୍ୟବଧାନରେ ଜିତି ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ପାଇଥିଲେ। ତାଙ୍କୁ ଏହି ଦାୟିତ୍ୱ ମିଳିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ବିଧାୟକ ଡ. ବ୍ୟୋମକେଶ ରାୟଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

# ୮ ବନ୍ଧୁକ ଜବତ, ୩ ଅଭିଯୁକ୍ତ ଗିରଫ

**ସର୍ଚ୍ଚ ଅପରେଶନ 'ଶିମିଳିପାଳ କ୍ଲିନ୍ ଅପ୍' ଜାରି**

- ଏଯାଏ ମିଳିଲାଣି ୩୩ ଦେଶୀ ବନ୍ଧୁକ
- ୨୧ କୋର୍ଟ ଚାଲାଣ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବଡ଼ସାହି(ଦୀପକ ବୁଗୁଡେଇ),୧୫।୭

ଶିମିଳିପାଳ ଅଭୟାରଣ୍ୟର ସଂଲଗ୍ନ ଅଞ୍ଚଳରେ ବନ ବିଭାଗ ସହାୟତାରେ ଚାଲିଥିବା ସର୍ଚ୍ଚ ଅପରେଶନ (ଶିମିଳିପାଳ କ୍ଲିନ୍ ଅପ୍) ଜରିଆରେ ମୟୂରଭଞ୍ଜ ପୋଲିସକୁ ପୁଣି ବଡ଼ ସଫଳତା ମିଳିଛି। ପୋଲିସ ଶନିବାର ଦୁଇ ପୃଥକ ଘଟଣାରେ ୮ଟି ଦେଶୀ ବନ୍ଧୁକ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଶୁକ୍ରବାର ମଧ ପୋଲିସ ୩ ଦେଶୀ ବନ୍ଧୁକ ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ଏ ନେଇ ବାରିପଦାଠାରେ ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସଂଲଗ୍ନ ଅଞ୍ଚଳ ଗ୍ରାମଗୁଡ଼ିକରେ ବିପୁଳ ପରିମାଣର ବନ୍ଧୁକ ଓ ଅସ୍ତ୍ରଶସ୍ତ୍ର ଥିବାରୁ ଶିକାରୀମାନେ ଅବାଧରେ ବନ୍ୟପ୍ରାଣୀ ଶିକାର କରୁଛନ୍ତି। ଏହାକୁ ପ୍ରତିରୋଧ କରି କିଛି ଦିନ ପୂର୍ବରୁ ଦୁଇ ବନ କର୍ମଚାରୀ ମାଥି ହାଁସଦା ଓ ବିମଳ କୁମାର ଜେନା ଶିକାରୀଙ୍କ ଗୁଳିରେ ନିହତ ହୋଇଛନ୍ତି। ଘଟଣା ପରେ ମୟୂରଭଞ୍ଜ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଅଭୟାରଣ୍ୟ ପାଦଦେଶ ତଥା ଆଭ୍ୟନ୍ତରୀଣ ଗ୍ରାମରେ ସର୍ଚ୍ଚ ଅପରେଶନ ଜାରି ରଖିଛି। ଏହି କ୍ରମରେ ବଡ଼ସାହି ପୋଲିସ ପକ୍ଷରୁ ଶିମିଳିପାଳ ଅଭୟାରଣ୍ୟ ସଂଲଗ୍ନ ଯଦୁନାଥପୁର, ଚନ୍ଦନଚଉରୀ, ଚମ୍ପାଗଡ଼, ରେଣ୍ଟାସାହି ଓ ହାତୀକୋଟ ଆଦି ଗ୍ରାମରେ ଚଢ଼ାଉ କରି ୩ଜଣଙ୍କ ଘରୁ ଗୋଟିଏ ଲେଖାଏଁ ଦେଶୀ ବନ୍ଧୁକ ଜବତ ସହ ୩ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନେ ହେଲେ ବଡ଼ସାହି ଥାନା ଅଧୀନ ହାତୀକୋଟ ଗ୍ରାମର ମହେନ୍ଦ୍ର ସିଂ(୩୦), ଶ୍ୟାମ ସୁନ୍ଦର ସିଂ(୨୮) ଓ ମଦନ ସିଂ(୩୫)। ସେହିପରି ଖୁଣ୍ଟା ଥାନା ଅଞ୍ଚଳରେ ସର୍ଚ୍ଚ ଅପରେଶନ ସମୟରେ ବହଳଦା ଗ୍ରାମ ନିକଟସ୍ଥ ଜଙ୍ଗଲ ମଧ୍ୟରେ ଲୁଚାଇ ରଖିଥିବା ୫ ଦେଶୀ ବନ୍ଧୁକ ଜବତ ହୋଇଛି। ଏନେଇ ବଡ଼ସାହି ଓ ଖୁଣ୍ଟା ଥାନାରେ ପୃଥକ ଭାବେ ମାମଲା ( ନଂ. ୨୯୩/୨୩ , ନଂ.୧୯୧/୨୩)ରୁଜୁ କରାଯାଇଛି। ଶିକାରୀମାନେ କେଉଁଠାରୁ ବନ୍ଧୁକ ଆଣିଛନ୍ତି, ଅଭିଯୁକ୍ତମାନେ ପୂର୍ବରୁ କୌଣସି ଅପରାଧରେ ଜଡ଼ିତ ଥିଲେ କି ନାହିଁ ସେ ବିଷୟରେ ତଦନ୍ତ କରାଯାଉଛି ବୋଲି ପୋଲିସ ପକ୍ଷରୁ କୁହାଯାଉଛି। ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ବି. ଗଙ୍ଗାଧର, ଉଦଳା ଏସ୍‌ଡିପିଓ ସାର୍ଥକ ରାୟ, ବଡ଼ସାହି ଥାନାଧିକାରୀ ସଞ୍ଜୟ କୁମାର ପରିଡ଼ା ଓ ଖୁଣ୍ଟା ଥାନାଧିକାରୀ ଲୋପାମୁଦ୍ରା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏବେ ନିୟମିତ ଭାବେ ବନ ବିଭାଗ କର୍ମଚାରୀ ଏବଂ ପୋଲିସର ମିଳିତ ସହଯୋଗରେ ଶିମିଳିପାଳ ଅଭୟାରଣ୍ୟ ଓ ତା,ର ପାଦଦେଶରେ ଖାନତଲାସି ଏବଂ କୋମ୍ବିଂ ଅପରେଶନ ଜୋର୍‌ଦାର କରାଯାଉଛି। ବେଆଇନ ଅସ୍ତ୍ରଶସ୍ତ୍ର ରଖିଥିବା ବ୍ୟକ୍ତିମାନଙ୍କୁ, ଦେଶୀ ବନ୍ଧୁକ ତିଆରି କରୁଥିବା ବ୍ୟକ୍ତିଙ୍କୁ ପୋଲିସ ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି। ସେମାନେ ସ୍ୱଇଚ୍ଛାରେ ଚଳିତ ମାସ ୩୦ ତାରିଖ ମଧରେ ପୋଲିସ ନିକଟରେ ଜମା କରି ପୁରସ୍କୃତ ହୁଅନ୍ତୁ। ଅନ୍ୟଥା ଗିରଫ ହେବା ପାଇଁ ପ୍ରସ୍ତୁତ ରହିବାକୁ ପୋଲିସ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ, ବନ କର୍ମଚାରୀଙ୍କ ମୃତ୍ୟୁ ଘଟଣା ପରେ ପୋଲିସ ଓ ବନ ବିଭାଗ ମିଳିତ ଭାବେ ଚଢ଼ାଉ କରି ଗୋଟିଏ ଦେଶୀ ବନ୍ଧୁକ କାରଖାନା ଠାବ କରିବା ସହ ଅଦ୍ୟାବଧି ୩୩ଟି ବନ୍ଧୁକ ଜବତ କରିଛି। ଅପରେଶନରେ ମୋଟ ୨୧ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏ ସମ୍ପର୍କରେ ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ଶିକାରୀମାନେ ବର୍ଷାଦିନେ ଜଙ୍ଗଲର ପଥର ଓ ଗୁମ୍ଫାରେ ବନ୍ଧୁକ ଲୁଚାଇ ରଖିଥାନ୍ତି। ଶିମିଳିପାଳ ଅଭୟାରଣ୍ୟରେ ପାଖାପାଖି ୧ ହଜାରରୁ ଉର୍ଦ୍ଧ୍ୱ ବନ୍ଧୁକ ଥିବା ଅନୁମାନ କରାଯାଉଛି। ଫଳରେ ପୋଲିସର ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ଆବଶ୍ୟକତା ରହିଛି।

## ଫକୀରମୋହନ କଲେଜରେ ହେଲ୍ପ ଡେସ୍କ ଉଦ୍‌ଘାଟିତ



ହେଲ୍ପ ଡେସ୍କ ଉଦ୍‌ଘାଟନ କରାଯାଉଛି।

ବାଲେଶ୍ୱର, ୧୫।୭(ମାନସ ବିଶ୍ୱାଳ)

ବାଲେଶ୍ୱର ବିଜୁ ଛାତ୍ର ଜନତା ଦଳ ତରଫରୁ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ହେଲ୍ପ ଡେସ୍କ ଉଦ୍‌ଘାଟିତ ହୋଇଛି। ଏହା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ମହାବିଦ୍ୟାଳୟରେ ଆଜିଠୁ ହେବାକୁ ଥିବା ସ୍ନାତକ ପ୍ରଥମବର୍ଷ ବିଜ୍ଞାନ, କଳା, ବାଣିଜ୍ୟ, ଇଣ୍ଟିଗ୍ରିଟେଡ୍. ବିଏଡ୍‌ରେ ଆଡ଼ମିଶନ ହେବାକୁ ଥିବା ନୂତନ ଛାତ୍ରୀଛାତ୍ରଙ୍କୁ ସାହାଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଛାତ୍ର ସଭାପତି ତଥା ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ଆହ୍ୱାନରେ ଜିଲା ଛାତ୍ର ସଭାପତି ସିମନ ଦାସ ମହାପାତ୍ରଙ୍କ ନେତୃତ୍ୱରେ ହେଲ୍ପ ଡେସ୍କ ଖୋଲାଯାଇଛି। ଏହି ହେଲ୍ପଡେସ୍କକୁ ଛାତ୍ରନେତା ଓମ୍‌ପ୍ରକାଶ ମହାପାତ୍ର, ଚିନ୍ମୟ ମହାନ୍ତି, ଇବ୍ରାର ହୁସେନ, ଅମିତ ମହାନ୍ତି, ଦେବରାଜ ଦେ, ଓମ୍‌କାର ନାୟକ, ରଜତ ଘଡ଼େଇ, ଯାକବ ସିଂ, ଓମ୍‌କାର ରାଜ ପ୍ରମୁଖ ଛାତ୍ରନେତା ସହଯୋଗ କରିଥିବା କ୍ୟାମ୍ପସ ଛାତ୍ରନେତା ଦିବ୍ୟରଞ୍ଜନ ମାଝି, ଜଗଦୀପନ ମହାନ୍ତି, ଅକ୍ଷୟ ରାଜ ଓ ଗୌରବ ପତି ପ୍ରମୁଖ ସାହାଯ୍ୟ କରିଥିଲେ।

## ଏନ୍‌ଏଚ୍‌-୨୦ରେ ବାଲିବସ୍ତା ପକାଯିବାକୁ ନେଇ ଅସନ୍ତୋଷ

ଆରଡ଼ି, ୧୫।୭ (ଦୀପ୍ତି ରଞ୍ଜନ ନାୟକ)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ବୋଡ଼କ ନିକଟରେ ଏନ୍‌ଏଚ୍‌-୨୦ରେ ବନ୍ୟା ନିୟନ୍ତ୍ରଣ ପାଇଁ ଅସ୍ଥାୟୀ ଭାବେ ମରାମତି କରାଯାଇଛି। ଏଠାରେ ପ୍ରାୟ ୫୦ଫୁଟ ଲମ୍ବରେ ବାଉଁଶ ପୋତାଯାଇ ବାଲିବସ୍ତା ପକାଯାଇଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ୭ବର୍ଷ ଧରି ଏହି ସ୍ଥାନରେ ରାସ୍ତା ଧସୁଥିଲା ଏବଂ ବିଭାଗ ପକ୍ଷରୁ ମରାମତି କରାଯାଉଥିଲା। ପ୍ରତିବର୍ଷ ଏଭଳି ରାସ୍ତା ଧସିବା ସହ ମରାମତି କାର୍ଯ୍ୟ ଚାଲୁ ରହିଥିଲା। ଗତବର୍ଷଠାରୁ ଏହି ଧସିବା ସ୍ଥାନରେ କିଛି ମାଟି ଓ ମୋରମ ପକାଯାଇ ଅସ୍ଥାୟୀ ଭାବେ ମରାମତି କରାଯାଇଥିଲା। ବନ୍ୟା ଆସିବା ପୂର୍ବରୁ ଧସିବା ସ୍ଥାନରେ ସ୍ଥାୟୀ ମରାମତି ପାଇଁ ସ୍ଥାନୀୟ ସାଠିବାଙ୍କୁଡ଼ା ଓ ବୋଡ଼କ ଗ୍ରାମବାସୀ ଦାବି ଜଣାଇଥିଲେ। ଏ ସଂକ୍ରାନ୍ତରେ ଗତ ମାସ ୨୪ ତାରିଖରେ 'ନଦୀପାର୍ଶ୍ୱ ରାସ୍ତାକୁ ନେଇ ଚିନ୍ତାରେ ଲୋକେ' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ଏବେ ବିଭାଗ ପକ୍ଷରୁ ବାଉଁଶ ପୋତା କାର୍ଯ୍ୟକୁ ନେଇ ଲୋକଙ୍କ ଚିନ୍ତା ବଢ଼ିଯାଇଛି। ବନ୍ୟା ହେଲେ ଏହି ସ୍ଥାନ ନିଶ୍ଚୟ ଧସିବା ସହ ବନ୍ୟା ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ। ଫଳରେ ଓଳଗ, ସୁନ୍ଦରପୁର, ନାନ୍ଦପୁର, ଆରଡ଼ି ଆଦି ପଞ୍ଚାୟତର ୨୫ ଖଣ୍ଡ ଗାଁର ଲୋକଙ୍କ ଫସଲ ହାନି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ତୁରନ୍ତ ଉକ୍ତ ସ୍ଥାନରେ ସ୍ଥାୟୀ ମରାମତି କରାଯିବାକୁ ଦାବି ହୋଇଛି।



ଜାତୀୟ ରାଜପଥରେ ବୋଡ଼କ ନିକଟରେ ବାଉଁଶ ପୋତାଯାଇ ବାଲିବସ୍ତା ପକାଯାଇଛି।

## ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ

ବଡ଼ସାହି,୧୫।୭(ସମ୍ବିତ କୁମାର ରାଉତ)

ମୟୂରଭଞ୍ଜ ଜିଲା ବଡ଼ସାହି ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଆନୁକୂଲ୍ୟ, ଅଗ୍ନିଶମ ପରିଚାଳନା କମିଟିର ସଦସ୍ୟା-ସଦସ୍ୟଙ୍କ ସହଯୋଗରେ ବଡ଼ସାହି ବ୍ଲକ୍ ବାଗୁଲି, ରଙ୍ଗପାଣି ଓ ଶାଳଗାଁ ଆଶ୍ରୟସ୍ଥଳୀରେ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଅଧିକାରୀ ସତ୍ୟବାଦୀ ପଲେଇଙ୍କ ନେତୃତ୍ୱରେ ହିରଣ୍ୟ ରଣା, ଆଗ୍ନିକ ଦିଗ୍‌ବିଜୟ ସ, ରାଜେଶ୍ୱର ପାତ୍ର ବନ୍ୟା, ବାତ୍ୟା ସମୟରେ କିପରି ଲୋକମାନଙ୍କ ସହିତ ଗୃହପାଳିତ ପଶୁପକ୍ଷୀଙ୍କୁ ସୁରକ୍ଷିତ ରଖାଯାଇ ପାରିବ ସେ ସମ୍ପର୍କରେ ସାମୂହିକ ଅଭ୍ୟାସ, ସଚେତନ କରାଯାଇଥିଲା। ବାତ୍ୟା ଓ ବନ୍ୟା ସମୟରେ ଆବଶ୍ୟକୀୟ ବିଭିନ୍ନ ସରଞ୍ଜାମ ପ୍ରଦର୍ଶିତ କରାଯାଇ ବ୍ୟବହାର ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯାଇଥିଲା। ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ସହିତ କିପରି ଧନଜୀବନ ଓ କ୍ଷୟକ୍ଷତି ରୋକା ଯାଇପାରିବ ସେ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା।

## ବଡ଼ବଡ଼ିଆଙ୍କୁ ଛାଡ଼ିଲେ, ସାଧାରଣ ଚାଷୀଙ୍କୁ ଉଠାଇଲେ

**ପୌର ପ୍ରଶାସନର ପାତରଅନ୍ତର**

କେନ୍ଦୁଝର,୧୫।୭( ନରେଶ ପଟ୍ଟନାୟକ)

କେନ୍ଦୁଝର ସହରରେ ଜବରଦଖଲ ଉଚ୍ଛେଦ ନେଇ ପାତରଅନ୍ତର କରାଯାଇଥିବାରୁ ଅସନ୍ତୋଷ ଦେଖାଦେଇଛି। ଫୁଟ୍‌ପାଥରେ ବସି ଫଳ, ପନିପରିବା ବିକୁଥିବା ଚାଷୀ/ବେପାରୀଙ୍କୁ ସ୍ଥାନୀୟ ପୌର ପ୍ରଶାସନ ଉଠାଇଦେଇଛି। ଯାହାକୁ ସମସ୍ତେ ସ୍ୱାଗତ କରିବା ସହ ଏହା ଦ୍ୱାରା ରାସ୍ତାରେ ସୁରକ୍ଷିତ ଯାତାୟାତ କରୁଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। କିନ୍ତୁ ଉକ୍ତ ଫୁଟ୍‌ପାଥ ଜବରଦଖଲ କରି ବେପାର କରୁଥିବା ବଡ଼ବଡ଼ିଆ ଦୋକାନୀ, ବାହାର ଠେଲା ଦୋକାନୀମାନଙ୍କୁ ଉଚ୍ଛେଦ କରାଯାଉନାହିଁ। ଫଳରେ ଲାବଣ୍ୟ ଛକଠାରୁ ଗାନ୍ଧୀଛକ ପର୍ଯ୍ୟନ୍ତ ରାସ୍ତା କଡ଼ ଫୁଟ୍‌ପାଥରେ ଏବେ ବି ବେପାର ଚାଲିଛି। ସେହିପରି ସହରରେ ପାର୍କିଂ ସ୍ଥାନ ନ ଥାଇ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଗାନ୍ଧୀଛକ ତଥା ବଡ଼ବିଲ ରାସ୍ତା ଆଦି ନିକଟରେ ବଡ଼ବଡ଼ ମାର୍କେଟ କମ୍ପ୍ଲେକ୍ସ ଚାଲିଥିବାରୁ ଗ୍ରାହକମାନେ ରାସ୍ତା ଉପରେ ବାଇକ, କାର ଆଦି ରଖି ମାର୍କେଟିଂ କରୁଥିଲେ ହେଁ ଧରପଗଡ଼ ହେଉନାହିଁ। ଏ ନେଇ ପୌରପାଳିକା ଓ ପୋଲିସ ବିଭାଗ ପକ୍ଷରୁ ସେସବୁ ଦିଗରେ ପଦକ୍ଷେପ ନିଆଯିବ ଏବଂ ଏଭଳି ଉଚ୍ଛେଦ ଜାରି ରହିବ ବୋଲି କୁହାଯାଉଥିବା ବେଳେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଦେଖିବାକୁ ବାକି ରହିଛି। ପୌରପାଳିକାର ମୁଖ୍ୟ ସହାୟକ ଦୀପକ ବେହେରା କହିଛନ୍ତି, ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଆଗାମୀ ଦିନରେ ସେମାନଙ୍କୁ ଉଠାଯିବ ବୋଲି କହିଥିଲେ।

## ୫ଶହ ଟଙ୍କାରେ ବ୍ୟାଗ୍ ପୂରୁନି

**ପରିବା ଦର ଆକାଶ ଛୁଆଁ**



ପାଟଣା,୧୫।୭(ବୀରକିଶୋର ଦାଶ)

ପରିବା ଦର ଏବେ ଆକାଶ ଛୁଆଁ ହୋଇଛି। ଦର ଏତେ ବଢ଼ିଯାଇଛି ଯେ, ସବୁ ଶ୍ରେଣୀର ଖାଉଟିଙ୍କୁ ବାଧୁଛି। ଏଣେ ଶ୍ରାବଣ ମାସରେ ବୋଲବୋମ ଭକ୍ତ ନିରାମିଷ ଭୋଜନ ସାଙ୍ଗକୁ ଚାଷୀ ନୂଆ ଗଛ ଲଗାଉଥିବାରୁ ପରିବା ଦର ଆକାଶ ଛୁଆଁ ହୋଇଛି ବୋଲି କୁହାଯାଉଛି। ଗ୍ରାହକ ବଜାରରୁ ୫ ଶହ ଟଙ୍କାର ପନିପରିବା କିଣିଲେ ବି ବ୍ୟାଗ୍ ଭର୍ତ୍ତି ହେଉନାହିଁ। ଫଳରେ ମଧ୍ୟବିତ୍ତ ଓ ଗରିବ ଲୋକଙ୍କୁ ଦରଦାମ ବାଧୁଛି।

କେନ୍ଦୁଝର ଜିଲାର ପାଟଣା, ସାହାରପଡ଼ା ଓ ତୁରୁମୁଙ୍ଗା ବଜାରରେ ବିଲାତି କିଗ୍ରା ୨୦୦, ଫୁଲକୋବି ୧୦୯, ପୋଟଳ ୮୦, ବାଇଗଣ ୮୦, ଭେଣ୍ଡି ୭୦, କାଙ୍କଡ଼ ୮୦, ବୋଇତାଳୁ ୩୦, କୁନ୍ଦୁରି ୩୦, ଝୁଡ଼ଙ୍ଗ ୬୦, କାକୁଡ଼ି ୫୦, ଅମୃତଭଣ୍ଡା ୪୦, ଜହ୍ନି ୭୦, କଲରା ୮୦, କ୍ୟାପ୍ସିକମ ୨୦୦ ଟଙ୍କାରେ ବିକ୍ରି ହେଉଛି। ଅନେକ ଘର ହାଣ୍ଡିଶାଳରୁ ଏବେ ବିଲାତି ଓ ବାଇଗଣ ଉଭାନ ହୋଇଯାଇଛି। କେନ୍ଦୁଝରରେ ପ୍ରତ୍ୟେକ ବର୍ଷ ଶହ ଶହ ହେକ୍ଟର ଜମିରେ ପରିବା ଚାଷ ହେଉଥିବା ବେଳେ ଉତ୍ପାଦିତ ପରିବାକୁ ସାଇତି ରଖିବା ପାଇଁ ଶୀତଳଭଣ୍ଡାରର ସୁବିଧା ନ ଥିବାରୁ ପରିବାଦର ହୁହୁ ହୋଇ ବଢ଼ି ଚାଲିଛି ବୋଲି କୃଷକ ରାଇଚାରଣ ମହାନ୍ତ ଓ ହୃଷୀକେଶ ମାହାନ୍ତ କହିଛନ୍ତି। ସାଧାରଣ ଖାଉଟିଙ୍କ ମୁଖ୍ୟ ପରିବା ଶାଗ, ଆଳୁ ଓ ମଟର ହୋଇଥିବା ଖାଉଟି ବୀରମୋହନ ଦ୍ୱିବେଦୀ, ଶ୍ରୀନିବାଶ ଶତପଥୀ, ସୁମିତ ପତି କହିଛନ୍ତି।

## ଇଂଲିଶ ଅନର୍ସରେ ମୀମାଂସାଙ୍କୁ ସ୍ୱର୍ଣ୍ଣ

**ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ**

କେନ୍ଦୁଝର,୧୫।୭ ( ନରେଶ ପଟ୍ଟନାୟକ)

କେନ୍ଦୁଝର ଝିଅ ମୀମାଂସା ପଟ୍ଟନାୟକ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଇଂଲିଶ ଅନର୍ସରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ବାରିପଦାସ୍ଥିତ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଉପଲକ୍ଷେ ଗୁରୁବାର ଅନୁଷ୍ଠିତ ଉତ୍ସବରେ ତାଙ୍କୁ ଏହି ସ୍ୱର୍ଣ୍ଣ ପଦକ ସହ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥିଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହି ଏହି ସମ୍ମାନ ପ୍ରଦାନ କରିଛନ୍ତି। ମୀମାଂସା କେନ୍ଦୁଝର ମହିଳା ମହାବିଦ୍ୟାଳୟରେ ଅଧ୍ୟୟନ ସମୟରେ ୨୦୨୧ ଇଂଲିଶ ଅନର୍ସରେ ସମଗ୍ର ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଗ୍ରହଣ କରିଥିଲେ। ମୀମାଂସଙ୍କର ସଫଳତା ପାଇଁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ନିଷ୍ଠା, ଏକାଗ୍ରତା, ଅଧବସାୟ ସଫଳତାର ମୂଳମନ୍ତ୍ର ବୋଲି ମିମାଂସା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସେ ଇଂରାଜୀରେ ଉଚ୍ଚ ଶିକ୍ଷା କରି ଅଧ୍ୟାପକ ହେବାକୁ ଆଶା ରଖିଥିବା କହିଛନ୍ତି।



## ୩ ମାସ ହେଲା ସାରଡାଙ୍ଗ ପାନୀୟଜଳ ପ୍ରକଳ୍ପ ଅଚଳ

ଖଇରା,୧୫।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରଡାଙ୍ଗଠାରେ ଥିବା ପାନୀୟ ଜଳ ପ୍ରକଳ୍ପ ୩ମାସ ଧରି ଅଚଳ ହୋଇପଡ଼ିଛି। ଫଳରେ ଅନ୍ୟୁନ ୬ ଗ୍ରାମର ଅଧିବାସୀ ପାଣିପାଇଁ ହନ୍ତସନ୍ତ ହେଉଛନ୍ତି। ତୁରନ୍ତ ପ୍ରକଳ୍ପ ମରାମତି କରିବାକୁ ସାରଡାଙ୍ଗ ସମେତ ମିର୍ଜାପୁର,ଆମ୍ବଗଡ଼ିଆ,କୁଳପଦା, ଅରଖପଦା,ବୁରେଇସାହି ପ୍ରଭୃତି ଗ୍ରାମର ବାସିନ୍ଦାମାନେ ଦାବି କରିଛନ୍ତି। ଏହି ପ୍ରକଳ୍ପ ଜରିଆରେ ଉପରୋକ୍ତ ଗ୍ରାମଗୁଡ଼ିକୁ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ହେଲେ ପାଇପ୍ ନଷ୍ଟ ଆଳରେ ଏପ୍ରିଲ ମାସରୁ ପ୍ରକଳ୍ପ ବନ୍ଦ କରି ରଖାଯାଇଥିବାରୁ ଗ୍ରାମବାସୀ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ପଞ୍ଚାୟତ କର୍ତ୍ତୃପକ୍ଷ ଜଳ ପରିମଳ ବିଭାଗକୁ ଦାୟୀ କରୁଥିବା ବେଳେ ଜଳ ପରିମଳ ବିଭାଗ କୌଣସୀ ଅଭିଯୋଗ ପହଞ୍ଚି ନ ଥିବା ସଫେଇ ଦେଇଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ଯୋଗାଯୋଗ କରିବାରୁ ସାରଡାଙ୍ଗ ହାଟ ନିକଟରେ ପାଇପ୍ ନଷ୍ଟ ହୋଇଥିବା କାରଣରୁ ପ୍ରକଳ୍ପ ଦେଢ଼ମାସ ହେଲା ବନ୍ଦ ଅଛି। ଏ ସମ୍ପର୍କରେ ଜଳପରିମଳ ବିଭାଗକୁ ଅବଗତ କରାଯାଇଛି। ଦିନେ ଦୁଇ ଦିନ ମଧରେ କାର୍ଯ୍ୟ ଶେଷ ହୋଇଯିବ ବୋଲି ସେ କହିଛନ୍ତି। ଜଳପରିମଳ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ଉଦ୍ୟମ କରାଯାଉଛି ବୋଲି କହିଛନ୍ତି ।



ଅଚଳ ସାରଡ଼ାଙ୍ଗ ପାନୀୟ ଜଳ ପ୍ରକଳ୍ପ।

## ସାହାଡ଼ା ମଣ୍ଡଳ ଭାଜପାର ମହା ଜନସମ୍ପର୍କ ଅଭିଯାନ

ଲଙ୍ଗଳେଶ୍ୱର, ୧୫।୭(କମଳାକାନ୍ତ ଦାସ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ସାହାଡ଼ା ମଣ୍ଡଳର ଭାଜପା ପକ୍ଷରୁ ମହା ଜନସମ୍ପର୍କ ଅଭିଯାନ ପୁରୁରା ପଞ୍ଚାୟତର ସରପଞ୍ଚ ରାଧାକୃଷ୍ଣ ବେହେରାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ମହା ଜନସମ୍ପର୍କ ଯାତ୍ରାକୁ ସ୍ମରଣୀୟ ରଖିବାକୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ବାସୁଦେବ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ କର୍ମୀ ବ୍ରଜମୋହନ ମିଶ୍ର ମଞ୍ଚ ଆହ୍ୱାନ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ପ୍ରଦୀପ ପଣ୍ଡା, ସାହାଡ଼ା ମଣ୍ଡଳ ସଭାପତି ରାଧାପଙ୍କଜ ମଣ୍ଡଳ, ସାମାଜିକ କର୍ମୀ ପରମାନନ୍ଦ ମହାପାତ୍ର, ଦୀପକ କୁମାର ପ୍ରଧାନ, ଅଜୟ କୁମାର ସାହୁ ଓ ରବୀନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଭାଜପାର ୯ ବର୍ଷ ପୂର୍ତ୍ତି ଉପଲକ୍ଷେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଗୋଟି ଗୋଟି ଭାବରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ଏକ ପ୍ରଚାରପତ୍ର ବଣ୍ଟାଯାଇଥିଲା।

**ପୌରପରିଷଦ କାର୍ଯ୍ୟାଳୟ:ଝାରସୁଗୁଡା**
ସଂଖ୍ୟା 4221, ତା.01.07.2023 ରିଖ
**ଇସ୍ତାହାର**
No.C-811:ଏତଦ୍ୱାରା ଝାରସୁଗୁଡା ପୌରପରିଷଦ ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୌରପରିଷଦ ଅଧୀନସ୍ଥ ପ୍ଲଟ/ଦୋକାନ ନଂ.୧୩୦/୨୮ (୧୦'x୧୦') ଯାହାକି ଶ୍ରୀ ହରଭଜନ ସିଂଙ୍କ ନାମରେ ରେକର୍ଡଭୁକ୍ତ ଅଛି, ଉକ୍ତ ଦୋକାନଟିକୁ ଶ୍ରୀ ଦେବିନଦର ସିଂ, ପିତା ସ୍ୱର୍ଗତ ସର୍ଦାର ଇନ୍ଦ୍ର ସିଂଙ୍କ ନାମରେ ହସ୍ତାନ୍ତର କରି ନାମ ଦର୍ଜ କରିବାପାଇଁ ପୌରପରିଷଦ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି । ଯଦି ଏଥିରେ କାହାର କିଛି ଆପତ୍ତି କିମ୍ବା ଅଭିଯୋଗ ଅଛି କିମ୍ବା ଥାଏ, ତାହାହେଲେ ଏହି ଇସ୍ତାହାର ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ପୌରପରିଷଦ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିପାରିବେ ଓ ନିର୍ଦ୍ଧାରିତ ସମୟ ପରେ କୌଣସି ଆପତ୍ତି ବା ଅଭିଯୋଗ ଗ୍ରହଣ କରାଯିବ ନାହିଁ ।
ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ, ଝାରସୁଗୁଡା
OIPR-13165/11/0012/2324

**SAMBALPUR MUNICIPAL CORPORATION**
**SAMBALPUR, ODISHA - 768001**
Azadi Ka Amrit Mahotsav
Phone No.: 0663-2411316 / E Mail: sambalpurm.hud@nic.in
Notice No. 6042/SMC
**CORRIGENDUM NOTICE**
Dated: 13.07.2023
**Reference: Request for Proposal Notice, 5746/SMC / Dtd.: 06.07.2023**
No. C-808: For Zone-2 in the Page No. 05 of request for proposal for selection of Agency for door to door collection and transportation of municipal solid waste within SMC area the Point No. 6 Bid Data table row No. 5 stands modified to

| | |
|---|---|
| Date of Pre Bid Meeting | 5.00 P.M. on Dtd.17.07.2023 |

Instead of

| | |
|---|---|
| Date of Pre Bid Meeting | 5.00 P.M. on Dtd.15.07.2023 |

Sd./- Commissioner
Sambalpur Municipal Corporation
OIPR-13122/11/0034/2324

**୧୦ ଫୁଟ୍ ତଳକୁ ଖସିପଡ଼ିଲା ବସ୍**

ଠାକୁରମୁଣ୍ଡା, (ତାରାକାନ୍ତ ପଟ୍ଟନାୟକ): ବାଲେଶ୍ୱର ଜିଲା ଜଳେଶ୍ୱରଠାରୁ ଭାୟା ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଦେଇ କେନ୍ଦୁଝର ଯାଉଥିବା ଏକ ଯାତ୍ରୀବାହୀ ବସ୍ ଶନିବାର ୧୦ ଫୁଟ୍ ତଳକୁ ଖସିପଡ଼ିଥିଲା। ଦୁର୍ଘଟଣାରେ ବସ୍ ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଡ୍ରାଇଭର ସମେତ ବସ୍ କର୍ମଚାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ଜଳେଶ୍ୱରରୁ ଆସୁଥିବା ନୃସିଂହ ନାମକ ବସ୍ (ନଂ. ଓଆର୍୧୧ଜି ୪୨୧୮) ୨୦ରୁ ୨୫ଜଣ ଯାତ୍ରୀଙ୍କୁ ନେଇ ଯାଉଥିଲା। ଠାକୁରମୁଣ୍ଡା-ଉଦଳା ରାସ୍ତାର ଚମ୍ପାଝର ନିକଟ ସୁଦର୍ଶନପୁର କୋଲଭର୍ଟଠାରେ ଭାରସାମ୍ୟ ହରାଇ ରାସ୍ତାକଡ଼ର ୧୦ ଫୁଟ୍ ତଳକୁ ଖସିପଡ଼ିଥିଲା।

# ବର୍ଷାରେ ଉବୁଟୁବୁ ଭଦ୍ରକ



ପ୍ରାଚୀନଗର ମୁଖ୍ୟରାସ୍ତାରେ ପାଣି ଜମି ରହିଛି।



ଲୋକନାଥ ମନ୍ଦିର ଭିତରେ ବର୍ଷାପାଣିରେ ବୁଡ଼ିଛି ଶିବଲିଙ୍ଗ।

## ଫେଲ୍ ମାରିଛି ଡ୍ରେନେଜ ବ୍ୟବସ୍ଥା

■ ଲୋକଙ୍କ ଘରେ, ମନ୍ଦିରରେ ପଶିଲା ପାଣି

ଭଦ୍ରକ/ଭଣ୍ଡାରିପୋଖରୀ, ୧୫।୭ (ସନାତନ ରାଉତ/ରବିନାରାୟଣ ଖିଲାର)

ଲଗାଣ ବର୍ଷାରେ ଭଦ୍ରକ ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବର୍ଷାଜଳରେ ଉବୁଟୁବୁ ହେଉଛି। ଲୋକଙ୍କ ଘରେ, ମନ୍ଦିରରେ ପାଣି ପଶିଛି। ଶନିବାର ସକାଳଠାରୁ ବର୍ଷା ଲାଗି ରହିଛି। ଜଳ ନିଷ୍କାସନ ବ୍ୟବସ୍ଥା ଫେଲ୍ ମାରିଥିବାରୁ ଏପରି ସ୍ଥିତି ସୃଷ୍ଟି ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ବହିର୍ବିଭାଗ ଓ ମେଡିସିନ ୱାର୍ଡରେ ବର୍ଷାଜଳ ପଶିଯାଇଥିବା ବେଳେ ସହରର ଲୋକନାଥ ମନ୍ଦିରରେ ପାଣି ପଶି ଶିବଲିଙ୍ଗ ଅଧା ବୁଡ଼ିଯାଇଛି। ମଠସାହି, ଗାନ୍ଧୀପଡ଼ିଆ, ଆରଡ଼ି ଛକସ୍ଥିତ ପ୍ରାଚୀନଗର, ଧରିତ୍ରୀ ନଗର, ବାଇପାସ୍‌ରେ ବର୍ଷାଜଳ ଲହଡ଼ି ଭାଙ୍ଗୁଛି।

ସେହିପରି ପୌରପାଳିକାର ୧, ୨, ୩, ୪ ଓ ୫ ନଂ. ୱାର୍ଡରେ ଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ପାଣି ଠିଆ ହେବା ସହ ଲୋକଙ୍କ ଘରେ ମଧ୍ୟ ପ୍ରବେଶ କରିଛି। ୭, ୮ ଓ ୧୦ ନଂ. ୱାର୍ଡ ସମେତ ପୁରୁଣାବଜାରର ବିଭିନ୍ନ ୱାର୍ଡରେ ଅନୁରୂପ ସ୍ଥିତି। ମଠସାହି ସ୍କୁଲ ପରିସର ପାଣିରେ ବୁଡ଼ି ରହିଥିବା ବେଳେ ଉଦୟନାଥ ସାମଲଙ୍କ ଘର ଭିତରେ ପାଣି ପଶିଯାଇ ଘରର ଜିନିଷପତ୍ର ଭାସୁଥିବା ଦେଖାଯାଇଛି। ବାଇପାସ୍‌ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ମଧ୍ୟ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ଭଦ୍ରକ-ଆରଡ଼ି ରାସ୍ତାର ଆରଡ଼ିଛକ ନିକଟସ୍ଥ ପ୍ରାଚୀନଗର ମୁଖ୍ୟରାସ୍ତାରେ ପାଣି ଜମି ରହିଥିବାରୁ ବସ୍‌ଠାରୁ ଆରମ୍ଭ କରି ବାଇକ୍ ପର୍ଯ୍ୟନ୍ତ ଯାତାୟାତ ପାଇଁ ଚାଳକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡ୍ରେନ୍ ସଫା ନ ହେବା ଓ ଡ୍ରେନେଜ ବ୍ୟବସ୍ଥାରେ ତ୍ରୁଟି କାରଣରୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ବର୍ଷାଦିନ ଆରମ୍ଭରୁ ଏପରି ସ୍ଥିତି ସୃଷ୍ଟି ହୋଇଥିବା ବେଳେ ଆଗକୁ ଲଘୁଚାପ ସମୟରେ ସ୍ଥିତି ସଙ୍ଗୀନ ହେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ସେହିପରି ଭଣ୍ଡାରିପୋଖରୀ ବ୍ଲକରେ ବିଲ ବାଡ଼ି ବର୍ଷାଜଳରେ ବୁଡ଼ିଯାଇଛି। ସ୍ୱଳ୍ପ ବର୍ଷା ସହ ଦୁର୍ବଳ ମୌସୁମୀ ପ୍ରଭାବରେ ଯେଉଁ ଚାଷୀମାନେ ବିଳମ୍ବରେ ତଳି ପକାଇଥିଲେ, ସେମାନଙ୍କର ତଳିଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏପରିକି ଦିନେ ଦୁଇଦିନ ତଳେ ଲୋକେ ଧାନ ତଳି ପକାଇବା ଆରମ୍ଭ କରିଥିଲେ। ଆଜିର ପ୍ରବଳ ବର୍ଷା ପାଇଁ ତଳିଗୁଡ଼ିକ ଧୋଇଯାଇଛି। ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

## ଜିଲା ମୁଖ୍ୟ ଚିକିତ୍ସାଳୟରେ ପାଣି

ଭଦ୍ରକ, ୧୫।୭(ସନାତନ ରାଉତ)

ଲଗାଣ ବର୍ଷାରେ ଭଦ୍ରକ ସହରର ବିଭିନ୍ନ ସ୍ଥାନ ଜଳମଗ୍ନ ହୋଇଛି। ଶନିବାର ଦିନତମାମ ବର୍ଷା ଲାଗି ରହିଛି। ଏହି ବର୍ଷାରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟର ଆଉଟଡୋର ଓ ମେଡିସିନ ୱାର୍ଡରେ ପାଣି ପଶିଯାଇଥିଲା। ଡ୍ରେନେଜ ବ୍ୟବସ୍ଥାରେ ତ୍ରୁଟି ଓ ଡ୍ରେନ୍ ସଫା ହୋଇ ନ ଥିବା କାରଣରୁ ଜଳ ନିଷ୍କାସନ ହୋଇ ନ ପାରି ଏପରି ସ୍ଥିତି ସୃଷ୍ଟି ହୋଇଛି। ଆଉଟଡୋରରେ ପାଣି ପଶିବା ଯୋଗୁ ରୋଗୀ ଓ ତାଙ୍କ ସମ୍ପର୍କୀୟ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମେଡିସିନ ଓ ଡାଇରିଆ ୱାର୍ଡରେ ମଧ୍ୟ ବର୍ଷାପାଣି ଜମି ରହିଥିଲା। ବର୍ଷାପାଣିରେ ରୋଗୀଙ୍କ ସମ୍ପର୍କୀୟମାନଙ୍କୁ ଯିବା ଆସିବା କରିବାକୁ ପଡ଼ିଥିଲା। ଡାକ୍ତର ଓ ନର୍ସମାନେ ମଧ୍ୟ ସେହି ପାଣିରେ ଯାତାୟାତ କରି ରୋଗୀଙ୍କୁ ଚିକିତ୍ସା କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗତବର୍ଷ ପ୍ରଥମ ବର୍ଷାରେ ମଧ୍ୟ ଏହି ଡାକ୍ତରଖାନାରେ ପାଣି ପଶିଯାଇ ସଙ୍ଗିନ ସ୍ଥିତି ସୃଷ୍ଟି ହୋଇଥିଲା। ପରେ ଡ୍ରେନ୍ ସଫା କରାଯିବାରୁ ଜଳ ନିଷ୍କାସନ ହୋଇଥିଲା। ଏବେ ସେହି ଘଟଣାର ପୁନରାବୃତ୍ତି ଦେଖିବାକୁ ମିଳିଛି। ପ୍ରାୟ ୧ ଘଣ୍ଟା ଧରି ବର୍ଷାପାଣି ଜମିବା ପରେ ଜଳ ନିଷ୍କାସନ ହୋଇଥିଲା। ପ୍ରତ୍ୟହ ୧୫ ଶହରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଏଠାକୁ ଆସୁଥିବା ବେଳେ ଆଗକୁ ଲଘୁଚାପ ବର୍ଷାରେ ସ୍ଥିତି ସଙ୍ଗିନ ହେବ ବୋଲି ଚର୍ଚ୍ଚା ହେଉଛି। ଡ୍ରେନ୍ ସଫା କରାଯିବା ସହ ଠିକ୍ ଭାବେ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ବିଭିନ୍ନ ସଙ୍ଗଠନ ଓ ମେଡିକାଲକୁ ଆସୁଥିବା ରୋଗୀମାନଙ୍କ ପକ୍ଷରୁ ଦାବି କରାଯାଇଛି।



ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ଅସ୍ମା



@ ଲିଜାଲି

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଭୁଶୁଡ଼ିଲା ସାଗର ଭୂୟାଁ ଶିଶୁଉଦ୍ୟାନ ପାଚେରି

### ୬ ମାସ ତଳେ ହୋଇଥିଲା ନିର୍ମାଣ

ଧାମନଗର, ୧୫।୭(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ଏନ୍ଏସି ଅଧୀନରେ ଥିବା ସାଗର ଭୂୟାଁ ଶିଶୁ ଉଦ୍ୟାନରେ ନିର୍ମାଣ ହୋଇଥିବା ପାଚେରି ଶନିବାର ବର୍ଷାରେ ଭୁଶୁଡ଼ି ପଡ଼ିଛି। ୬ମାସ ତଳେ ୪୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ଶିଶୁ ଉଦ୍ୟାନକୁ ବହୁ ନେତୃତ୍ୱ ଓ ଜିଲାପାଳଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା। ନିର୍ମାଣାଧୀନ ସମୟରେ ନିମ୍ନମାନର କାର୍ଯ୍ୟ ନେଇ ବହୁ ଅଭିଯୋଗ ହୋଇଥିଲେ ମଧ୍ୟ ତତ୍କାଳୀନ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଗୁରୁତ୍ୱ ଦେଇ ନ ଥିଲେ। ପ୍ରାୟ ଶହେ ଫୁଟ୍ ଲମ୍ବର ପାଚେରି ଭୁଶୁଡ଼ି ଯିବା ପରେ ବିନା ଗ୍ରେଡ୍‌ବିନ୍ ଓ ପାଇଲିଂରେ ନିର୍ମାଣ ହୋଇଥିବା ଦେଖିବାକୁ ମିଳିଛି। ଜିଲାପାଳ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।



ସାଗର ଭୂୟାଁ ଶିଶୁଉଦ୍ୟାନ ପାଚେରି ଭୁଶୁଡ଼ି ପଡ଼ିଛି।

## ବ୍ଲକ କାର୍ଯ୍ୟାଳୟରେ ବର୍ଷାପାଣିର ଲହଡ଼ି

ବାସୁଦେବପୁର, ୧୫।୭ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଓ ପୌରପାଳିକାର ବିଭିନ୍ନ ୱାର୍ଡରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି କୃତ୍ରିମ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ବର୍ଷାଜଳ ଜମି ରହି ବିଭିନ୍ନ ଦପ୍ତରକୁ ପ୍ରବେଶ କରିଛି। ସରକାରୀ କାଗଜପତ୍ର ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହେବା ସହ କର୍ମଚାରୀମାନେ ନାହିଁ ନ ଥିବା ସମସ୍ୟା ଭୋଗିଛନ୍ତି। ଜିପିଇଓଙ୍କ କାର୍ଯ୍ୟାଳୟରେ ବର୍ଷାପାଣି ଲହଡ଼ି ଭାଙ୍ଗୁଥିବା ବେଳେ ଜିପିଇଓ ଚିତ୍ତରଞ୍ଜନ ଦାସ ଏହି ବର୍ଷାପାଣିରେ ଚେୟାରରେ ଗୋଡ଼ ଟେକି ବସି ରହିଥିବା ଦେଖିବାକୁ ମିଳିଥିଲା। ସେହିପରି ବାସୁଦେବପୁର ମୁଖ୍ୟ ସହର ମଧ୍ୟରେ ଡ୍ରେନେଜ ବ୍ୟବସ୍ଥା ଠିକ୍‌ରେ କରାଯାଇ ନ ଥିବାରୁ ଦୋକାନଗୁଡ଼ିକରେ ମଧ୍ୟ ପାଣି ପଶିଯାଇଛି। ଏହାକୁ ନେଇ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସହରାଞ୍ଚଳରେ ଥିବା ଡ୍ରେନ୍‌ଗୁଡ଼ିକ ପୋତି ହୋଇଯାଇଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏବି ହାଇସ୍କୁଲ ପଡ଼ିଆ, ପ୍ରାଣୀ ଚିକିତ୍ସାଳୟ ସହ ବିଭିନ୍ନ ସ୍ଥାନ ଜଳାର୍ଣ୍ଣବ ହୋଇଛି। ଏହି ବିଳମ୍ବିତ ବର୍ଷା ଚାଷୀ ମହଲରେ ଖୁସି ଆଣିଥିବା ବେଳେ ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନ ଥିବାରୁ କିଛି ଅଞ୍ଚଳ ଜଳମଗ୍ନ ହୋଇ ରହିଛି।



ବ୍ଲକ କାର୍ଯ୍ୟାଳୟ ଭିତରେ ବର୍ଷାପାଣି ପଶିଥିବା ବେଳେ ଜଣେ ଅଧିକାରୀ କାର୍ଯ୍ୟରତ ଅଛନ୍ତି।

## ମନ୍ଦିର ପରିସରରେ ଆଣ୍ଠୁଏ ପାଣି



ଚମ୍ପୁଆ, ୧୫।୭(ମହେଶ୍ୱର ଦାସ)

ଅସରାଏ ବର୍ଷାରେ ଚମ୍ପୁଆ ରାମ ମନ୍ଦିର ପରିସରରେ କୃତ୍ରିମ ବନ୍ୟା ଦେଖିବାକୁ ମିଳିଛି। ଯାତାୟାତ ଏକପ୍ରକାର ଠପ ହୋଇଯାଇଥିବା ବେଳେ ପରିସରରେ ଥିବା ଦୋକାନ ଗୃହ ମଧ୍ୟକୁ ବର୍ଷା ଜଳ ପ୍ରବେଶ କରି କ୍ଷତି ଘଟାଇଛି। ଶନିବାର ମୌସୁମୀର ଲଗାଣ ବର୍ଷା ଚମ୍ପୁଆ ଅଞ୍ଚଳରେ ଲାଗିରହିଛି। ଫଳରେ ମୁଖ୍ୟ ବଜାରରେ ଥିବା ରାମ ମନ୍ଦିର କମ୍ପ୍ଲେକ୍ସରେ ବର୍ଷା ଜଳ ଡ୍ରେନେଜ ହୋଇ ନ ପାରି ଜମା ହୋଇରହିଥିଲା। ନିଷ୍କାସନର ବ୍ୟବସ୍ଥା ନ ଥିବା ବେଳେ ମୁଖ୍ୟ ଡ୍ରେନ୍‌କୁ ବର୍ଷା ଜଳ ଯାଇପାରୁନାହିଁ। ଚମ୍ପୁଆ ଏନ୍ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁ କହିଛନ୍ତି, ପୂର୍ବରୁ ବହୁ ଦୋକାନ ତଳେ ରହୁଥିବାରୁ ବର୍ଷା ଜଳ ପ୍ରବେଶ କରୁଥିଲା। ମାତ୍ର ବର୍ତ୍ତମାନ ଅନେକ ଦୋକାନଗୃହ ଉଚ୍ଚ କରାଯାଇଥିବା ବେଳେ ମଝିରେ ଥିବା କିଛି ଦୋକାନ ନିମ୍ନଗାମୀ ହୋଇଯାଇଛି। ଫଳରେ ବର୍ଷା ଜଳ ପ୍ରବେଶ କରିଛି। ବର୍ଷା ଜଳ ନିଷ୍କାସନ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ।

## କଲେଜ ଏନ୍‌ଏସ୍‌ଏସ୍ ଅଧିକାରୀ ସମ୍ମାନିତ



ଖୁଣ୍ଟା, ୧୫।୭(ଦେବ ରଞ୍ଜନ ବେହେରା)

ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅନୁକୂଲ୍ୟରେ ଅନୁଷ୍ଠିତ ୨୬ ତମ ପ୍ରତିଷ୍ଠା ଦିବସ ଅବସରରେ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ତପନ କୁମାର ବାରିକ ସମ୍ମାନିତ ହୋଇଛନ୍ତି। ସେ ଶ୍ରେଷ୍ଠ ଅଧିକାରୀ ଭାବେ ବିଶ୍ୱବିଦ୍ୟାଳୟସ୍ତରୀୟ ସେବା ଯୋଜନାରେ ପୁରସ୍କୃତ କରାଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ନୟାଗଡ଼ ଜିଲା ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ରାଷ୍ଟ୍ର ନିର୍ମାଣ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉକ୍ତ ସମ୍ମାନ ପ୍ରଦାନ କରିଥିଲେ। ମହାବିଦ୍ୟାଳୟକୁ ଗୌରବାନ୍ୱିତ କରିବା ସହିତ ଜାତୀୟ ସେବା ଯୋଜନାର ଭବିଷ୍ୟତ କାର୍ଯ୍ୟ ଧାରାକୁ ଉତ୍ସାହିତ କରିବାରେ ସହାୟକ ହେବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀ ଆଶାବ୍ୟକ୍ତ କରିଛନ୍ତି।

## ଆଦର୍ଶ ବିଦ୍ୟାଳୟରେ ଭାଜପା ପ୍ରତିନିଧି ଦଳ

ରାଇବଣିଆ, ୧୫।୭(ନବୀନ ସାହୁ)

ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଭାଜପା ଜଳେଶ୍ୱରର ଏକ ପ୍ରତିନିଧି ମଣ୍ଡଳୀ ଜଳେଶ୍ୱର କାଳିକ ପଞ୍ଚାୟତ ହାତୀଗଡ଼ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଗସ୍ତ କରି ନବନିର୍ମିତ ହୋଇଥିବାରୁ ବିଭିନ୍ନ ସମସ୍ୟାର ସ୍ଥିତି ସମୀକ୍ଷା କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୬.୨୦କୋଟି ଅଟକଳରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ ହୋଇ ଗତ ୪ମାସ ପୂର୍ବରୁ ଅର୍ଥାତ ଗତ ମାର୍ଚ୍ଚରେ ଜିଲା ଶିକ୍ଷା ଅଧିକାରୀ ଉକ୍ତ ବିଦ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଆଦର୍ଶ ବିଦ୍ୟାଳୟର ଛାତ ଓ କାନ୍ଥ ଫାଟି ଆଁ ହୋଇଯାଇଛି। ଫଳରେ ବର୍ଷା ହେବା ଯୋଗୁ ପାଣି ପଡୁଛି ବୋଲି ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀ କହିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବାରମ୍ବାର ଏ ବିଷୟରେ ବିଭାଗୀୟ ଅଧିକାରୀ ଓ ସମ୍ପୃକ୍ତ ଠିକାଦାରଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଉକ୍ତ ପ୍ରତିନିଧି ମଣ୍ଡଳୀରେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଏମ୍‌ପିଙ୍କ ପୌର ପ୍ରତିନିଧି ତଥା ନଗର ସଭାପତି ଫାଲ୍‌ଗୁନୀ ପାଣିଗ୍ରାହୀ, ଜିଲା ଉପସଭାପତି ସାବିତ୍ରୀ ଜେନା, ଯୁବନେତା ସିଦ୍ଧାର୍ଥ ଶଙ୍କର ପାଲ, ତପନ ବିଶ୍ୱାଳ, ରାଜପୁର ନାଏବ ସରପଞ୍ଚ ଅରବିନ୍ଦ ମଣ୍ଡଳ, ଦୁଲା ହାଁସଦା ପ୍ରମୁଖ ତଦନ୍ତ ପାଇଁ ଜିଲାପାଳଙ୍କ ପାଖରେ ଦାବି କରିଛନ୍ତି।

## ଟ୍ରକ୍-ବାଇକ ମୁହାଁମୁହିଁ, ୨ ମୃତ

ସୋର, ୧୫।୭(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ୧୬ନଂ. ଜାତୀୟ ରାଜପଥ ତଳନଗରଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ-ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସୋର ଥାନା ମାଣତ୍ରୀ ଗାଁର ଅର୍ଜିତ ବେହେରା ଓ ଜଗନ୍ନାଥପୁର ଗାଁର ବଳରାମ ନାୟକ। ସେମାନେ ରାତିରେ ତଳନଗରରୁ ଘରକୁ ଫେରୁଥିବା ବେଳେ ଟ୍ରକ୍ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ସେମାନଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସୋର ଡାକ୍ତରଖାନାକୁ ପଠାଇଥିଲେ। ସୋର ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ବୃନ୍ଦାବନର ସନ୍ନ୍ୟାସୀ ମହାରାଜଙ୍କ ସ୍ମୃତିରେ ପ୍ରାର୍ଥନା ସଭା

ନୀଳଗିରି, ୧୫।୭(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ପଞ୍ଚଲିଙ୍ଗେଶ୍ୱରସ୍ଥିତ ଏକ ରିସୋର୍ଟ ପରିସରରେ ଶନିବାର ବୃନ୍ଦାବନର ସନ୍ନ୍ୟାସୀ ମହାରାଜାଙ୍କ ସ୍ମୃତିରେ ନାମ ସଂକୀର୍ତ୍ତନ ଓ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଛି। ପୂର୍ବରୁ ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ମଥୁରା, ବୃନ୍ଦାବନର ଅଜୟ କୁମାର ବ୍ରିଜବାସୀ ମହାରାଜ ପରିଦର୍ଶନରେ ଆସି ଫେରିଯାଉଥିଲେ। ଚଳିତବର୍ଷ ଆସିଥିବା ବେଳେ ସ୍ଥାନୀୟ ପରିବେଶବିତ ମନୋରଞ୍ଜନ ଦାସଙ୍କ ବାସଭବନରେ ଆଶ୍ରୟ ନେଇଥିଲେ। ହେଲେ ଗତ ଜୁନ୍ ୧୯ତାରିଖରେ ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ହୋଇ ମୃତ୍ୟୁ ହୋଇଯାଇଥିଲା। ଏ ସମ୍ପର୍କରେ ମନୋରଞ୍ଜନ ସାମାଜିକ ଗଣମାଧ୍ୟମ ଓ ହ୍ୱାଟ୍‌ସଆପ୍ ଗ୍ରୁପ ମାଧ୍ୟମରେ ପ୍ରସାର କରିବା ପରେ ତାଙ୍କର କିଛି ଅନୁଗାମୀ ପହଞ୍ଚିଥିଲେ। ସାଧୁଙ୍କ ମରଶରୀରକୁ ପଞ୍ଚଲିଙ୍ଗେଶ୍ୱର ପାହାଡ଼ ପାଦଦେଶରେ ସମାଧି ଦିଆଯାଇଥିଲା। ସ୍ୱର୍ଗତ ବ୍ରିଜବାସୀ ମହାରାଜଙ୍କ ଶୁଦ୍ଧିକ୍ରିୟା ଶୁକ୍ରବାର ହିନ୍ଦୁ ଗଉଡ଼ିଆ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ମହାରାଜଙ୍କ ସ୍ମୃତିରେ ନାମ ସଂକୀର୍ତ୍ତନ, ପ୍ରାର୍ଥନା ସଭା ଓ ପ୍ରସାଦସେବନ ହୋଇଛି। ଏହି ଅବସରରେ ପରିବେଶବିତ୍ ଦାସଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମା', ପୁଅ ମୃତ

ଭୋଗରାଇ, ୧୫।୭(ପ୍ରଦୀପ ଦାସ)

ଭୋଗରାଇ ବ୍ଲକ ଅଧୀନ ଭୋଗରାଇ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ପୁଅକୁ ବଞ୍ଚାଇବାକୁ ଯାଇ ମା'ଙ୍କ ଜୀବନ ଯାଇଛି। ଗାଁ ଶ୍ମଶାନରେ ଦୁଇଜଣଙ୍କର ଏକ ସଙ୍ଗେ ଚିତା ଜଳିଛି। ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଗ୍ରାମର କାର୍ତ୍ତିକ ସେଠୀ ପରିତ୍ୟକ୍ତ କୁକୁଡ଼ାଫାର୍ମରୁ ଲୁହାଛଡ଼ ବିଦ୍ୟୁତ କଟରରେ କାଟୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ। ପାଖରେ ଥିବା ମା' ଜୟନ୍ତୀ ପୁଅକୁ ବଞ୍ଚାଇବାକୁ ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଉଭୟେ ପ୍ରାଣ ହରାଇଥିଲେ। ଏନେଇ ପୋଲିସ ମାମଲା ରୁଜୁ କରିଛି।

## ଶୈଳଙ୍ଗ ରାସ୍ତାରୁ ଜବରଦଖଲ ଉଚ୍ଛେଦ



ତହସିଲଦାରଙ୍କ ଉପସ୍ଥିତିରେ ଜବରଦଖଲକାରୀଙ୍କୁ ହଟାଯାଉଛି।

କୋଡ଼ପଡ଼ା, ୧୫।୭(ରଞ୍ଜିତ୍ କୁମାର ରଣା)

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ୧୬ନଂ. ୱାର୍ଡ ଶୈଳଙ୍ଗ ରାସ୍ତାର ସମ୍ପ୍ରସାରଣ କରାଯିବ। ଏ ନେଇ ଶୈଳଙ୍ଗ ଶିବ ମନ୍ଦିର ସାହିଠାରେ ଶନିବାର ବେଆଇନ୍ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଘସିପୁରା ତହସିଲ ପକ୍ଷରୁ ଜବରଦଖଲକାରୀଙ୍କୁ ରାସ୍ତା ପାର୍ଶ୍ୱରୁ ହଟିବା ପାଇଁ ଗତ ଦୁଇମାସ ପୂର୍ବେ ସୂଚନା ଦେଇଥିଲେ। ନ ମାନିବାରୁ ତହସିଲଦାର ପତିତପାବନ ଦେବତାଙ୍କ ନିର୍ଦ୍ଦେଶକ୍ରମେ ଥାନା ଆଇଆଇସି ବିକ୍ରମ ଭୂୟାଁ ପୋଲିସ ଫୋର୍ସ ସହ ଉପସ୍ଥିତ ରହି ଜେସିବି ଲଗାଇ ଉଚ୍ଛେଦ କରିଥିଲେ। ସ୍ଥାନୀୟ କାଉନ୍‌ସିଲର ସହଯୋଗ କରୁଥିବାର ଦେଖାଯାଇଥିଲା।

## ୨୯ ବାଇକ୍‌ରୁ ୧.୩୫ ଲକ୍ଷ ଜରିମାନା ଆଦାୟ

ଜଳେଶ୍ୱର, ୧୫।୭(ରବିନାରାୟଣ ପାତ୍ର)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଞ୍ଚଳରେ ପରିବହନ ଆଇନ ଉଲ୍ଲଙ୍ଘନ କରି ବହୁ ଯାନବାହନ ଚଳାଚଳ କରୁଥିବା ଅଭିଯୋଗ ହୋଇଛି। ଜଳେଶ୍ୱର ପୋଲିସ ଓ ପରିବହନ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଏସବୁକୁ ଯାଞ୍ଚ କରାଯାଇଛି। ଫଳରେ ୨୯ଜଣ ବାଇକ୍ ଆରୋହୀଙ୍କଠାରୁ ୧ଲକ୍ଷ ୩୫ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଜଳେଶ୍ୱରର ବିଭିନ୍ନ ବାଲି ଖାଦାନରୁ ଶହ ଶହ ନମ୍ବର ବିହୀନ ଟ୍ରାକ୍ଟର ବାଲି ପରିବହନ କରୁଥିଲେ ମଧ୍ୟ ସେମାନଙ୍କୁ ଯାଞ୍ଚ କରାଯାଉନାହିଁ। ଶୁକ୍ରବାର ଅପରାହ୍ନରେ ଜଳେଶ୍ୱର ଥାନା ନିକଟରେ ବାଇକ୍ ଆରୋହୀଙ୍କୁ ଧରପଗଡ ହୋଇଥିଲା। କେତେକ ଗାଡିର ଅବଧି ଦୀର୍ଘମାସରୁ ଶେଷ ହୋଇଥିଲେ ମଧ୍ୟ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ କେତେକ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ହିତାଧିକାରୀ

### ୧୦ ମାସ ହେଲା ଭତ୍ତା ମିଳିନି

ମୋରଡା, ୧୫।୭(ସ୍ୱାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଘୋଳମୁଁହା ପଞ୍ଚାୟତରେ ଅପ୍ରୀତିକର ଘଟଣା ଦେଖିବାକୁ ମିଳିଛି। ପଞ୍ଚାୟତର ଆଣୁଆଠାରେ ଥିବା କାର୍ଯ୍ୟାଳୟରେ ଶନିବାର କିଛି ହିତାଧିକାରୀ ତାଲା ପକାଇଦେଇଥିଲେ। ୧୦ ମାସର ଭତ୍ତା ଦାବି କରି ଧାରଣାରେ ବସିଥିଲେ। ପୋଲିସ ବୁଝାସୁଝା କରିବା ପରେ ତାଲା ଖୋଲିଥିଲେ। ଅଭିଯୋଗ ମୁତାବକ, ମଧୁବାବୁ ପେନସନ ଯୋଜନାରେ ଭତ୍ତା ପାଉଥିବା କିଛି ହିତାଧିକାରୀ ଦଶ ମାସ ହେଲା ଭତ୍ତା ପାଉନାହାନ୍ତି। ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଜଣାଇଥିଲେ ମଧ୍ୟ କୌଣସି ଫଳ ମିଳି ନ ଥିଲା। ତେଣୁ ଶନିବାର ପୂର୍ବତନ ସରପଞ୍ଚ ଦୁଃଖିଆ ହେମ୍ବ୍ରମ, ସମିତି ସଭ୍ୟ ଯୁଗଳ କିଶୋର ମହାନ୍ତ, ହିତାଧିକାରୀ ରଘୁନାଥ ମହାନ୍ତ, ସୁରେନ୍ଦ୍ର ମହାନ୍ତ, ହିଂଶି ବାସ୍କେ, ଖାନ ବାସ୍କ, ଚୂଡ଼ାମଣି ବାସ୍କ, ବରି ମୁର୍ମୁ, ଯମୁନା ଟୁଡୁ, ମୁଗ ସିଂ, ଲକ୍ଷ୍ମୀମଣି ପାତ୍ର, ଧନେଶ୍ୱର ଧଳ, କନ୍ଦନ ମାରାଣ୍ଡି, ତରଣି ପାତ୍ର, ପ୍ରଫୁଲ୍ଲ ପାତ୍ର, ରେଣୁବାଳା ଧଳ, ନରେନ୍ଦ୍ର ଧଳ, ବସନ୍ତ ପାତ୍ର ପ୍ରମୁଖ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଜିଆରଏସ, କନିଷ୍ଠ ଯନ୍ତ୍ରୀଙ୍କୁ ଅଟକ ରଖିଥିଲେ। ହାତରେ ଭତ୍ତା କାର୍ଡ ଧରି ଧାରଣା ଦେଇଥିଲେ। ଖବର ପାଇ ମୋରଡ଼ା ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ।



ହିତାଧିକାରୀମାନେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଦେଇଛନ୍ତି।

